ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି



2nd Year, 12th Issue
January, 2008
ଦ୍ୱିତୀୟ ବର୍ଷ, ଦ୍ୱାଦଶ ସଂଖ୍ୟା
ଜାନୁଆରି, ୨୦୦୮

# ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

Our Web Site has changed, see the new Website at:
**http://aahwaan.co.nr**

## ଚଳିତ ସଂସ୍କରଣରେ...


| | |
|---|---|
| ସଂପାଦକୀୟ | ୧ |
| ଅନୁଭବରୁ ଖିଏ | ୨ |
| ଧରିତ୍ରୀ | ୫ |
| ସନ୍ଧି (କବିତା) | ୭ |
| ନମଇଁ ନୃସିଂହ ଚରଣ | ୭ |
| ତଥାପି ଅଦରକାରୀ | ୯ |
| ନବବର୍ଷ | ୧୨ |
| ଆମ ସଭ୍ୟତା ଆମ ସଂସ୍କୃତି | ୧୨ |
| ଭାଗ୍ୟ | ୧୫ |
| ଅତନୁର ନବବର୍ଷ | ୧୬ |
| ଆମ ଗାଁ ହାଲଚାଲ | ୧୮ |
| ଆମ ଠିକଣା | ୨୦ |









ନୁତନ ବର୍ଷର ହାର୍ଦ୍ଦିକ ଅଭିନନ୍ଦନ ଦେଇ ଉପସ୍ଥାପନ କରୁଛି ଚଳିତ ମାସର ଆହ୍ୱାନ। ଆହ୍ୱାନର ଚଳିତ ସଂସ୍କରଣ ଅନେକ ଦୃଷ୍ଟିରୁ ସ୍ୱତନ୍ତ୍ର। ବିଗତ ଦୁଇବର୍ଷର ଯାତ୍ରାର ଏହା ହେଉଛି ଅନ୍ତିମ ଛକ, ଏହାପରେ ଆରମ୍ଭ ହେବ ତୃତୀୟ ବର୍ଷର ଯାତ୍ରା। ଦୁଇଟା ବର୍ଷ କେମିତି ବିତିଗଲା ଜଣାପଡିଲା ନାହିଁ। ମାତ୍ର ଆଠ ପୃଷ୍ଠାର କାୟା ନେଇ ଆରମ୍ଭ ହୋଇଥିବା ଆହ୍ୱାନ ବର୍ତ୍ତମାନ ଏକ ସଂପୂର୍ଣ୍ଣ ପତ୍ରିକା, ଏବଂ ଏଥିରେ ପ୍ରତ୍ୟେକ ମାସରେ ପ୍ରକାଶିତ ହେଉଛି ଅନେକ ଗଳ୍ପ, କବିତା ଓ ଅନ୍ୟାନ୍ୟ ଲେଖାର ସମ୍ଭାର।

ଚଳିତ ସଂସ୍କରଣ ପ୍ରକାଶନରେ ଅହେତୁକ ବିଳମ୍ବ ହୋଇଥିବାରୁ ମୁଁ ଦୁଃଖିତ, କିନ୍ତୁ ଏକା ଏକା ଗୋଟିଏ ପତ୍ରିକା ପ୍ରକାଶନ କରିବା କେତେ କଷ୍ଟକର ତାହା ହୁଏତ ଆମର ଅନେକ ପାଠକ ପାଠିକା ହୃଦୟଙ୍ଗମ କରିପାରିବେ ନାହିଁ। କର୍ମବ୍ୟସ୍ତତା ଭିତରେ ନିଜ ପରିବାର ପାଇଁ ରହିଥିବା କିଛି ଘଣ୍ଟାର ସମୟରୁ ଆହ୍ୱାନ ପାଇଁ ସମୟ ବାହାର କରିବା ଏବଂ ପରିଶ୍ରମ ହେବା ସତ୍ତ୍ୱେ ଏକ ସତ୍‌ସାହସର ସହିତ ଏହି ପତ୍ରିକାକୁ ପ୍ରକାଶିତ କରିବା, ମୋ ପାଇଁ ଏକ ପରୀକ୍ଷା କହିଲେ ଅତ୍ୟୁକ୍ତି ହେବ ନାହିଁ। ଚଳିତ ମାସ ପ୍ରାରମ୍ଭରେ ଦିଲ୍ଲୀ ଗସ୍ତରେ ଯିବା ହେତୁ ପତ୍ରିକାକୁ ସଂକଳନ ପ୍ରକାଶନରେ ବିଳମ୍ବ ହୋଇଗଲା। କିନ୍ତୁ ଆଗାମୀ ଦିନ ମାନଙ୍କରେ ପୁଣି ଥରେ ପୂର୍ବବତ୍ ସଠିକ୍ ସମୟରେ ଏହି ପତ୍ରିକା ପ୍ରକାଶନ ହେବ। ଚଳିତ ମାସର ସଂସ୍କରଣ ପଢିବାବେଳେ, ଆପଣ ନିଶ୍ଚୟ ଆମ ୱେବ୍‌ସାଇଟ୍ ଦେଖିସାରିଥିବେ। ଏହା ଆମର ୱେବ୍‌ସାଇଟ୍‌ର ସଦ୍ୟତମ ରୂପ। ଆଗାମୀ ଅନେକ ମାସ ପର୍ଯ୍ୟନ୍ତ ଏହି ରୂପରେ ଆମ ୱେବ୍‌ସାଇଟ୍‌କୁ ଦେଖିବାକୁ ମିଳିବ। ଏହା ବ୍ୟତୀତ, ଆମ

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି



2nd Year, 12th Issue
January, 2008
ଦ୍ୱିତୀୟ ବର୍ଷ, ଦ୍ୱାଦଶ ସଂଖ୍ୟା
ଜାନୁଆରି, ୨୦୦୮

ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ୱେବ୍‌ସାଇଟ୍‌କୁ ଅଧିକ ଶକ୍ତିଶାଳୀ କରିବାପାଇଁ ଏଥିରେ ଅନେକ ନୂତନ ପୃଷ୍ଠାକୁ ସାମିଲ୍ କରାଯାଇଛି। ସମ୍ଭବତଃ ସେହି ସବୁ ପୃଷ୍ଠା ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକ୍ଷମ ହୋଇ ନଥାଇ ପାରେ। କିନ୍ତୁ ଖୁବ୍ ଶୀଘ୍ର ଆମ ୱେବ୍‌ସାଇଟ୍ ଆହ୍ୱାନ ଡଟ୍ କମ୍ ନାମରେ ପରିପ୍ରକାଶ ହେବ, ଯାହା ଦ୍ୱାରା ଆମେ ଆମର ପାଠକ ପାଠିକା ମାନଙ୍କୁ ଅଧିକ ମନଲାଖି ଜିନିଷ ଦେଇ ପାରିବୁ। ଆମର ନୂତନ ୱେବ୍‌ସାଇଟ୍ ଆହ୍ୱାନ ଡଟ୍ କମ୍‌ରେ ଆମେ ଆହ୍ୱାନ ପତ୍ରିକା ବ୍ୟତୀରେକ ଓଡିଶା ତଥା ଓଡିଶା ସମ୍ବନ୍ଧିତ ଅନେକ ନୂତନ ତଥ୍ୟ ଓ ସୂଚନା ବି ଦେବୁ। ଏବଂ ସେହି ସବୁ ପୃଷ୍ଠାରେ ସ୍ଥାନୀୟ ବିଜ୍ଞାପନ ସବୁ ଛାପିବାର ବ୍ୟବସ୍ଥା କରିବୁ। ଯାହା ଫଳରେ ଆପଣ ଯେ କୌଣସି ସହର, କିମ୍ବା ଜିଲ୍ଲା ସମ୍ବନ୍ଧୀତ ସୂଚନା ପାଇ ପାରିବେ। ଏବଂ ଏହା ସହିତ ପାଇବେ, ଆପଣ ଖୋଜୁଥିବା ବିଭିନ୍ନ ସୂଚନା। ବିଶେଷ ବିଜ୍ଞାପନ ବିଭାଗ ଦ୍ୱାରା ଆପଣ ପାଇ ପାରିବେ ଯେ କୌଣସି ବିଷୟରେ ଆପଣ ଖୋଜୁଥିବା ବିଜ୍ଞାପନ। ଏଥିରେ ନିଜର ବିଜ୍ଞାପନ ଦେବାକୁ ଇଚ୍ଛୁକ ବ୍ୟକ୍ତି ଓ ବ୍ୟବସାୟୀ ଆମ ସହ ଯୋଗାଯୋଗ କରିପାରିବେ। ମନେ ରଖନ୍ତୁ, ଆହ୍ୱାନ ବର୍ତ୍ତମାନ ବିଶ୍ୱ ଦରବାରରେ ଏକ ପ୍ରଶଂସନୀୟ ପତ୍ରିକାରେ ପରିଣତ ହୋଇପାରିଛି, ଏବଂ ଏହି ପତ୍ରିକାକୁ ପାଇବାକୁ ପ୍ରତ୍ୟେକ ମାସରେ ଅନେକ ପାଠକ ପାଠିକା ଆମ ୱେବ୍‌ସାଇଟ୍‌କୁ ଆସନ୍ତି। ଯଦି ଆପଣ ନିଜ ବିଜ୍ଞାପନ ଆମ ୱେବ୍‌ସାଇଟ୍‌ରେ ଦିଅନ୍ତି, ତା'ହେଲେ ଅଳ୍ପ ଖର୍ଚ୍ଚରେ ଆପଣ ବିଶ୍ୱଓଡିଆ ଦରବାରରେ ପହଞ୍ଚି ପାରିବେ। ଏବଂ ଆମ ପତ୍ରିକାରେ ବି ଆପଣ ଚାହିଁଲେ ବିଜ୍ଞାପନ ଦେଇ ପାରିବେ। ବିଜ୍ଞାପନ ଦେବାପାଇଁ ଆଜି ହିଁ ଆମକୁ ଇ-ମେଲ୍ କରନ୍ତୁ, କିମ୍ବା ଫୋନ୍ କରନ୍ତୁ ୯୯୩୮୫୧୭୫୦୫। ଧନ୍ୟବାଦ

Now our website Address is changed:
www.aahwaan.co.nr

# ଅନୁଭବରୁ ଖିଏ

ପ୍ରୀତୀଶ ଆଚାର୍ଯ୍ୟ

ବରଗଡ଼ ସହରରୁ ପଦ୍ମପୁର ରାସ୍ତାରେ କୋଡିଏ କିଲୋମିଟର ବାଟ ଗଲେ ପଡେ ଗୋଟିଏ ଗାଁ, ନାଁ ଗର୍ଭଣା। ଜନବସତି ସାଢେ ତିନି ହଜାର ପ୍ରାୟ୍। ସେଇଟା ମୋ ଗାଁ। ମାଧ୍ୟମିକ ଶିକ୍ଷା ପରଠାରୁ ମୋତେ ଗାଁ ବାହାରେ ରହିବାକୁ ପଡିଛି। ତହିଁରୁ ପ୍ରାୟ୍ ଦୁଇ ଦଶନ୍ଧି କାଳ ଓଡିଶା ବାହାରେ। ତା' ସତ୍ତ୍ୱେ ଘର କୋଉଠି ବୋଲି ପ୍ରଶ୍ନ ହେଲେ, ସ୍ୱତଃ ଉତ୍ତର ଦିଏ ଗର୍ଭଣା। ସେଠି ବାପା ମା' ରହନ୍ତି; ପରିବାର ଜନ ଓ କୁଟୁମ୍ବ ଲୋକ ରହନ୍ତି, ସାଙ୍ଗ ସାଥୀ ଅଛନ୍ତି, ଘରବାଡି ଗାଁରେ। ସେହି ଆଧାରରେ ଛୁଟିରେ ତଥା ଅନ୍ୟ ଅବସରରେ ପରିବାର ନେଇ ମୁଁ ଗାଁକୁ ଯାଏ, ଗାଁରେ ରହେ। ଗାଁ ସହ ଯୋଡି ହେବା ପଛରେ ସେତେବେଳେ କୌଣସି ଭାବଗତ ଆଦର୍ଶ ଅପେକ୍ଷା ତା' ମୋ ପାଇଁ ଏକ ଆବଶ୍ୟକତା ହୁଏ। ଗାଁକୁ ଯିବାରେ ବ୍ୟତିକ୍ରମ ହେଲେ ବାପା, ମା' ମନ ଊଣା କରନ୍ତି। ସାଙ୍ଗସାଥୀ ସ୍ନେହଭରା ଅଭିମାନ କରନ୍ତି।

ଗାଁ ଏବେ ବି ସହର ଅପେକ୍ଷା ଅନେକ ଗୁଣରେ ଭଲ। ସେଠି ସହର ଅପେକ୍ଷା ପ୍ରଦୂଷଣ କମ, ସାମାଜିକତା ଅଧିକ, କୃତ୍ରିମତା କମ; ବେଶୀ ଖୋଲାମେଲା। ସମାଜ ଓ ଜୀବନକୁ ଦେଖିବା ସକାଶେ କେବଳ ସହରରେ ନ ରହି, ବେଳେ ବେଳେ ଗାଁରେ ରହିଲେ ଦୃଷ୍ଟିକୋଣ ଅଧିକ ବସ୍ତୁନିଷ୍ଠ ହେବାର ସମ୍ଭାବନା ଥାଏ। ତେଣୁ, ଗାଁକୁ ନିୟମିତ ଯିବାବେଳେ, ନିଜର ବି ଆଗ୍ରହ ରହିଥାଏ।

ମାତ୍ର, ଏ ଯେଉଁ ବିଚାର, ତହିଁରେ ଗତ କେତେ ବର୍ଷ ହେଲା ବ୍ୟତିକ୍ରମ ଅନୁଭବ କରି ହେଉଛି। ଅର୍ଥାତ୍ ଧୀରେ ଧୀରେ ଗାଁ ପ୍ରତି ଉତ୍ସାହ କମିଯାଉଛି। ତା'ପାଇଁ ଏକ ବଡ କାରଣ ନିଜକୁ ମିଳୁଥିବା ସହରୀ ସ୍ୱାଚ୍ଛନ୍ଦ୍ୟ ନିଶ୍ଚୟ। କିନ୍ତୁ ତା'ଠାରୁ ବଡ କାରଣ ହେଲା ଯେ, ଖରା ଦିନେ ଗାଁକୁ ଗଲେ ପୋଖରୀରେ ପାଣି ନଥାଏ। ଗାଧୋଇବା କଷ୍ଟ ହୋଇପଡେ। ବର୍ଷାଦିନେ ରାସ୍ତାଘାଟ ଅତି ମଇଳା। ଗୋଚର ଜମି ସବୁ ଚାଷ



2nd Year, 12th Issue
January, 2008
ଦ୍ୱିତୀୟ ବର୍ଷ, ଦ୍ୱାଦଶ ସଂଖ୍ୟା
ଜାନୁଆରି, ୨୦୦୮
ଆହ୍ୱାନ
ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଜମିରେ ପରିଣତ ହେଲା ଉତ୍ତାରୁ ପୋଖରୀ ହିଁ 'ମଇଳା' ପାଇଁ ଏକମାତ୍ର ଜାଗା । ସରକାରୀ ଅନୁଦାନରେ ଗାଁଗଳି ରାସ୍ତାଘାଟ ପକ୍କା ହେଲା ଦିନରୁ ମଇଳା ପାଣିକୁ ରାସ୍ତାମାଟି ଶୋଷି ବି ପାରେନା । ଘା'ପୂଜ ଭଳି ତାହା ଗାଁ ରାସ୍ତାକୁ ଚରିଯାଏ । ଏ ସବୁକୁ ବାଦ ଦେଲେ ଗାଁ ପ୍ରତି ବିକର୍ଷଣ ପଛରେ ଅନ୍ୟ ଏକ ବଡ କାରଣ ହେଲା, ସେଠି ମଦ, ଗଞ୍ଜେଇ, ଭାଙ୍ଗ (ଗାଁ ଭାଷାରେ ରଙ୍ଗ ପେଡା) ଆଦି ନିଶା ଦ୍ରବ୍ୟର ମାତ୍ରାଧିକ ପ୍ରଚଳନ । ଆଗେ ବି ଏ ସବୁ ନିଶାର ସାମାନ୍ୟ ପ୍ରଚଳନ ଥିଲା । ମାତ୍ର ନିଶାଖୋରଙ୍କ ପାଇଁ ତାହା ଥିଲା ଲାଜର କଥା । ହେଲେ ଆଜିକାଲି ସ୍ଥିତି ଭିନ୍ନ । ଏବେ ସେମାନେ ବହୁ ସଂଖ୍ୟକ । ତାର ନାହିଁ । ଅନେକ କିଶୋର ବାଳକ ମଧ୍ୟ ନିଶାସକ୍ତ । ରାସ୍ତାର ମଇଳା ପାଣି ଭଳି ନିଶା ଲୋକ ସମାଜକୁ ଆକ୍ରାନ୍ତ କରି ଦେଇଛି । ଗାଁରେ କିରୋସିନି, ଚିନି ଅପେକ୍ଷା ମଦ, ଗଞ୍ଜେଇର କାଟତି ବେଶୀ । କିନ୍ତୁ ମଦ ଗଞ୍ଜେଇକୁ ଆଶାକରି ସମପରିମାଣରେ ପକୋଡା, ଚନାଚୁର, ଗୁଗୁନି ଓ କୋକ୍‌ଡ୍ରିଂକର କାଟତି । ମଦ ସାଙ୍ଗରେ କୋଲ୍‌ଡ୍ରିଂକକୁ ଫଚ୍ କଲେ, ନିଶାର ମାତ୍ରା ଅଧିକ ହୁଏ ବୋଲି ଗାଁର ମଦୁଆ ଜାଣେ । ସେହି ଅନୁପାତରେ ଗାଁ ରାସ୍ତାରେ, ଘରେ ଘରେ ଗାଳି, ମାଡ, ଝଗଡା ଓ ଚୋରି । ପରିବାର ସବୁ ବିପନ୍ନ ସ୍ଥିତିରେ । ଶନିବାର ଦିନ ତ ସ୍ଥିତି କାବୁରେ ରହେନି । ମଜୁରିଆ ମଜୁରି ପାଆନ୍ତି । ମଦ, ଗଞ୍ଜେଇର ପୁରା ରାଜୁତି ସେହି ଦିନ । ଗଲା ଦଶହରା ପରେ ଗାଁରୁ ଫେରିବା ବେଳେ ଲାଗୁଥାଏ, ଏଣିକି ଗାଁକୁ ଯେତେ କମ ଆସିବାକୁ ପଡେ, ସେତେ ଭଲ । ଜାଣିଲି, ଗାଁକୁ ନେଇ ନିରାଶା ମୋ ମନ ଭିତରେ ପଳାୟନବାଦକୁ ଆକାର ଦେଲାଣି । ସହରର ସବୁ ବିକୃତି ଏବେ ଗାଁରେ; ଗାଁର ସ୍ୱାଭାବିକ ସୌନ୍ଦର୍ଯ୍ୟ ଉଡି ଉଭେଇଯିବାର ସ୍ଥିତିରେ । ଆମ ଗାଁର ଏ ଯେଉଁ ବିଷମ ସ୍ଥିତି, ତାକୁ ନେଇ ଆଉ ଅନେକ ବି ଦୁଃଖ କରନ୍ତି, କାରଣ ବ୍ୟାଖ୍ୟାନ କରନ୍ତି, ହେଲେ ସମାଧାନ ଯେମିତି କାହା ପାଖରେ ନାହିଁ । ଆଖି ଆଗରେ ଯେମିତି ଗାଁର ଆକର୍ଷଣ ଡୋରି ଛିଡିଯିବ ।

ଏହିଭଳି ସ୍ଥିତିରେ ୨୦୦୭ ଡିସେମ୍ବର ଶେଷ କିଛି ଦିନ କଟାଇବା ପାଇଁ ଯେତେବେଳେ ଗାଁକୁ ଗଲି, ମନରେ ଆଶଙ୍କା ଥିଲା । ମାତ୍ର ଆଶ୍ଚର୍ଯ୍ୟର କଥା, କେବଳ ମାସ ଗୋଟାକରେ ସ୍ଥିତି ବଦଳି ଯାଇଛି, ଠିକ୍ ମେଜିକ୍ ପରି, କାହାଣୀ ପରି । ନ ଦେଖିଲେ ବିଶ୍ୱାସ ହେବନି । ସଂକଟ ଯେ ସମାଧାନକୁ ଜନ୍ମ ଦେଇପାରେ ଏବଂ ସବୁ ସମାଧାନ ଲୌକିକ ସ୍ତରରେ ହିଁ ସମ୍ଭବ- ଏ ବିଶ୍ୱାସ ମୋ ମନରେ ଦୃଢ ହୋଇଛି ।

ପରିବର୍ତ୍ତନର ଆରମ୍ଭ ହେଲା ନିଶାମୁକ୍ତିରୁ । ପ୍ରାୟ ପଚାଶ ଶହେ ଯୁବକ ଓ କିଶୋର ଯାଇ ଭେଟିଲେ ଗାଁ ୱାର୍ଡ ମେମ୍ବରଙ୍କୁ । ଅନୁରୋଧ କଲେ ଗାଁରେ ମଦ, ଗଞ୍ଜେଇ ଦୋକାନ ବନ୍ଦ କରିବାକୁ । କେବଳ ମଦଭାଟିରୁ ଗାଁକୁ ମିଳେ ବର୍ଷକୁ ପ୍ରାୟ ତିରିଶ ହଜାର ଟଙ୍କା, ଯାହା ମନ୍ଦିର ପାଣ୍ଠିକୁ ଯାଏ, ସ୍କୁଲ୍‌ରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନଥିବାରୁ ଗାଁ କମିଟି ପକ୍ଷରୁ ନିଯୁକ୍ତ ଦୁଇଜଣ ଶିକ୍ଷକଙ୍କୁ ଦରମା ଦେବାରେ ଯାଏ, ଇତ୍ୟାଦି ଇତ୍ୟାଦି । ତା' ସତ୍ତ୍ୱେ ଗାଁ କମିଟି ପିଲାଙ୍କ ଅନୁରୋଧକୁ ବିରୋଧ କଲା ନାହିଁ । ଲୋକ କହୁଛନ୍ତି ଯେତେବେଳେ ଆଗ ମଦ ଗଞ୍ଜେଇ ବନ୍ଦ ହେଉ । ତେଣିକି ବାକି କଥା ବୁଝାଯିବ । ପିଲାଙ୍କ ଭିତରେ କେହି ନେତା ନାହାନ୍ତି । ଅଧିକାଂଶ ଦଳିତ, ଆଦିବାସୀ ଏବଂ ତଥାକଥିତ 'ତଳ' ଜାତିର । ପ୍ରାୟ ସମସ୍ତଙ୍କ ଘରେ ଜଣେ ଦୁଇଜଣ ନିଶାଖୋର । ନିଶାସକ୍ତି ବିରୋଧରେ କଥା କହୁଥିବା କିଛି ପିଲା ବି ଆଗରୁ ନିଶା କରୁଥିଲେ । ଏବେ ସେମାନେ ସ୍ଥିର କରିଛନ୍ତି ଗାଁ'କୁ ନିଶାମୁକ୍ତ କରିବେ । ତେଣିକି ଗାଁର ଆବାଳବୃଦ୍ଧ ବନିତା; ଏପରିକି ମହିଳାମାନେ ମଧ୍ୟ ଗାଁରେ ପଟୁଆରରେ ବାହାରିଲେ; ନିଜକୁ ନିଜେ ଶୁଣାଇ ସ୍ଲୋଗାନ୍ ଦେଲେ; ମନ୍ଦିରକୁ ଯାଇ ଦିଅଁଙ୍କ ନାଁରେ ଶପଥ ନେଲେ ମଦ ଗଞ୍ଜେଇ ଛାଡିଦେବେ । ଦେଖୁ ଦେଖୁ ଗାଁରେ ମଦ ଗଞ୍ଜେଇ ବିକ୍ରି ବନ୍ଦ ହେଲା । ସ୍ଥିର ହେଲା ଯଦି କିଏ ବାହାରୁ ପିଇକି ଆସେ ଚଳିବ । ହେଲେ, ସେ ଯଦି ଉତ୍ପାତ କରେ, ତାକୁ ଥାନାରେ ଦିଆହେବ ।

ନିୟମ ପାଳନ ପାଇଁ ଏବେ ଗାଁର ଘରେ ଘରେ



2nd Year, 12th Issue
January, 2008
ଦ୍ୱିତୀୟ ବର୍ଷ, ଦ୍ୱାଦଶ ସଂଖ୍ୟା
ଜାନୁଆରି, ୨୦୦୮
ଆହ୍ୱାନ
ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

'ପାରିବାରିକ ପୋଲିସ'। କିଏ ମଦୁଆ ବାପକୁ ଆଣି ପଞ୍ଚାୟତରେ ହାଜର କଲାଣି, ତ ଆଉ କିଏ ଗଞ୍ଜେଇ ଭାଇର ପାଟି ଶୁଂଘି ଥାନାକୁ ଟାଣିନେବ ବୋଲି ତାଗିଦ କଲାଣି। ଜଣେ ମଦୁଆ ଅମାନ୍ୟ ହେବାରୁ ତାକୁ ଥାନାରେ ଦିଆହେଲା। ରାତିଟିଏ ଥାନାରେ ପୁଲିସର ମାଡ ଖାଇବା ପରେ ଏବେ ସେ ନିଜେ ନିଶାମୁକ୍ତିର ଜଣେ ବଡ ପକ୍ଷଧର। ଏଥର ମୋର ରହଣି ଦିନ ଗାଁରେ ପଞ୍ଚାୟତ ବସିଥିଲା। ଜଣେ ଯୁବକର ଦୋଷ ଯେ ସେ ବଡ ପାଟିରେ କହିଥିଲା ସେ ଗଞ୍ଜେଇ ପିଇବ। ତା' ନାଁରେ ବିଚାର ଚାଲିଥିଲା। ଶହେ ପ୍ରାୟ ଯୁବକ ଓ କିଶୋରଙ୍କ ସମାଗମ ସେଦିନ ସଭାରେ। ଅଭିଯୁକ୍ତ ଦୋଷ ସ୍ୱୀକାର କରି କ୍ଷମା ମାଗିଲା। ଭବିଷ୍ୟରେ ଗଞ୍ଜେଇ ପିଇବ ନାହିଁ ବୋଲି ଘୋଷଣା କଲା। ଅନ୍ୟଥା ବୋଧହୁଏ ତା'ପାଇଁ ସ୍ଥିତି ଭୟାବହ ହୋଇଥାଆନ୍ତା। ଖୁସି ଲାଗିଲା ଯେ ଯୁବକଟି ଦୋଷ ସ୍ୱୀକାର କଲାପରେ ତା'ପ୍ରତି ଆଉ କାହା ଆଚରଣରେ ଦ୍ୱେଷ ନଥିଲା। ପିଲାଏ ଜାଣନ୍ତି, ତା'ସ୍ୱୀକାରୋକ୍ତି ହିଁ ତା'ପାଇଁ ବଡ ଦଣ୍ଡ। ଦୁଇମାସ ପୂର୍ବରୁ ନିଶାଖୋରଙ୍କୁ ଡରି ଯେ ଲୋକ ଚୁପ୍‌ଚାପ୍ ବାଟ କାଟି ରହୁଥିଲେ, ଏ ନୂଆ ଅନୁଭବ ପରେ ତାହା ବିଶ୍ୱାସ କରି ହେଉନଥିଲା।

ଗର୍ଭଣା ଗାଁରେ ଏହି ଯେ ଗଣ ଆନ୍ଦୋଳନ, ତାହା ଆଉ ନିଶାମୁକ୍ତିଯାକେ ସୀମିତ ନୁହେଁ। ଗାଁର ସର୍ବାଙ୍ଗୀନ ଉନ୍ନତି ଯାଏ କଥା ଗଲାଣି। ପ୍ରତି ରବିବାର ଦିନ ବଡି ସକାଳୁ ପିଲାଏ ଗାଁ ରାସ୍ତାଘାଟ ସଫା କରୁଛନ୍ତି।

ଅନେକ ସେମାନଙ୍କ ମଧ୍ୟରୁ ପ୍ରତିଦିନ ଭୋର୍ ସକାଳୁ ଉଠି ମନ୍ଦିର ଅଗଣାରେ ସାମୂହିକ ଭାବରେ ଯୋଗାସନ କରୁଛନ୍ତି। ତାଙ୍କ ଭିତରୁ ଜଣେ ଟିଭିରୁ ଦେଖି ସ୍ୱଚେଷ୍ଟାରେ ଯୋଗଗୁରୁ। ମନ୍ଦିର ଅଗଣାରେ ଏବେ ସ୍ଥାନର ଅଭାବ। ମହିଳାମାନେ ବି ଚାହାନ୍ତି ଘରକାମ ସରିଲେ ଉପର ଓଳି ମିଶି ଯୋଗାସନ କରନ୍ତେ। ସେମାନଙ୍କ ପାଇଁ ମହିଳା ପ୍ରଶିକ୍ଷିକା ଦରକାର। ନିଶାମୁକ୍ତିକୁ ଦୃଢ କରିବାକୁ ହେଲେ ଯୋଗାସନ ଯେ ଏକ ଆବଶ୍ୟକତା, ତାହା ପିଲାଏ ବୁଝିଛନ୍ତି।

ପୁଣି, ସ୍ଥିର ହୋଇଛି, ଏଥର କଟା ବନ୍ଧ(ବଡ ପୋଖରୀ)କୁ ମାଛ ପାଇଁ ଠିକା ଦିଆଯିବ ନାହିଁ। ଖରାଦିନିଆ ପନିପରିବା ଚାଷ ପାଇଁ ଲୋକ ପୋଖରୀରୁ ପାଣି ତେଣ୍ଡାରେ କାଢ଼ିବେ। ମୋଟର ପଂପର ବ୍ୟବହାର ହେବ ନାହିଁ। ଅର୍ଥାତ୍ ଖରାଦିନ ପୋଖରୀରୁ ପାଣି ଶୁଖିବ ନାହିଁ, ଅଥଚ ପନିପରିବା ଚାଷ ବି ବନ୍ଦ ହେବନାହିଁ। ତେଣ୍ଡାରେ ପାଣି ତେଣ୍ଡୁଥିବା କୁରେଶ୍ୱର ସହିତ କଥା ହେବାରୁ ସେ ତା' ସାଧାରଣ ବୁଦ୍ଧିରୁ କହିଲା, 'ମାମୁଁ, ମୋଟର ପଂପରେ ଖର୍ଚ୍ଚ ଅଧିକ; ପାଣି ବି ନଷ୍ଟ ହୁଏ। ତା'ଛଡା ତେଣ୍ଡାରେ ପାଣି ନେବାପାଇଁ କାହା (ମେସିନ୍) ଉପରେ ଆଶ୍ରା କରିବାକୁ ପଡେନି। ଗାନ୍ଧିର ନାଁ ବି ସେ ଶୁଣିନଥିବ, ଅଥଚ ଗାନ୍ଧିବାଦୀ ବିକଳ୍ପ ତା ହାତମୁଠାରେ।

ମଦଭାଟିରୁ ଟଙ୍କା ମିଳିବା ବନ୍ଦ ହେଲା ପରେ ଗାଁ ନିଯୁକ୍ତ ଶିକ୍ଷକଙ୍କୁ ଦରମା ଯୋଗାଇବା ପାଇଁ ପିଲାଏ ସ୍ଥିର କରିଛନ୍ତି; ମୁଷ୍ଟିଭିକ୍ଷା କରିବେ। ସରକାର ବା ଆଉ କେଉଁ ବାହାର ସଂସ୍ଥା ପାଖରେ ଅନୁଦାନ ପାଇଁ ହାତ ପତେଇବେ ନାହିଁ। ବାହାର ସାହାଯ୍ୟ ଓ ଭିକ୍ଷାରେ, ଗାଁରେ ଶିକ୍ଷାର ଉନ୍ନତି ହୁଏନି। ଅନ୍ୟଥା ସେ ଉନ୍ନତି କେତେ ଆଗରୁ ଆସି ସାରନ୍ତାଣି। ଧନୀ ଗରିବ ନିଜ ଇଚ୍ଛାମତେ ମୁଠିଏ ଲେଖାଏ ଚାଉଳ ଦେଲେ ପାଣ୍ଠିର ଅଭାବ ରହିବ ନାହିଁ। ପୁଣି ସ୍ଥିର ହୋଇଛି, ସେହି ଦୁଇ ଶିକ୍ଷକଙ୍କୁ ମାସକୁ ଛ ଶହ ବଦଳରେ ଏକ ହଜାର କରି ଦରମା ଦିଆଯିବ। 'ଛ ଶହ ଟଙ୍କାରେ କିଏ ବା କେମିତି ପାଠ ପଢାଇବ ଯେ?' ପଇସା ଦରକାର ସଫେଇ ସକାଶେ ଝାଡୁ କିଣିବା ପାଇଁ। ପଇସା ଦରକାର ଠେଲା ଗାଡିଟିଏ କିଣାହେବ ଆବର୍ଜନା ବୋହିବା ପାଇଁ। ହେଲେ ଏ ସବୁ ଭରଣା ହେବ ମୁଷ୍ଟିଭିକ୍ଷାରୁ, ବାହାର ଅନୁଦାନରୁ ନୁହେଁ। ଆଗକୁ ଯୋଜନା ଅଛି, ପାଣ୍ଠି ବଳିଲେ ଗାଁରେ ନୈଶ ବିଦ୍ୟାଳୟଟିଏ ଆରମ୍ଭ ହେବ; ସଂସ୍କାର ଭିତ୍ତିକ ନାଟକ ପ୍ରସ୍ତୁତ କରି ଆଖପାଖ ଗାଁରେ ପରିବେଷଣ କରାଯିବ। ଏ ଆନ୍ଦୋଳନ ଆଗକୁ ବଢିବା କଥା।

ଗର୍ଭଣା ଗାଁର ଏହି ସାମାଜିକ ଆନ୍ଦୋଳନର ଏମିତିରେ କିଛି ନାଁ ନାହିଁ। ରାଜନୈତିକ ଦଳ ତ ପଛ କଥା,

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି



2nd Year, 12th Issue
January, 2008
ଦ୍ୱିତୀୟ ବର୍ଷ, ଦ୍ୱାଦଶ ସଂଖ୍ୟା
ଜାନୁଆରି, ୨୦୦୮

ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଗାଁର ନେତୃସ୍ଥାନୀୟ ବ୍ୟକ୍ତି ଉପରେ ବି ତାହା ଆଶ୍ରିତ ନୁହେଁ। କେହି ନେତା ନାହାନ୍ତି। ସମସ୍ତେ କର୍ମୀ। ତାଙ୍କ ଭିତରୁ ଅଧିକାଂଶ ଅତି 'ତଳ' ବର୍ଗର। ଅନ୍ୟମାନଙ୍କର ତା'ପ୍ରତି ପୂର୍ଣ୍ଣ ସମର୍ଥନ ଅଛି, କାରଣ ତହିଁରେ ବିରୋଧ କରିବା ଭଳି କିଛି ନାହିଁ। 'ତଳ' ବର୍ଗ ସକ୍ରିୟ ହେବା ପଛରେ କାରଣ ହେଲା ଯେ, ନିଶାର ଦୁଷ୍ପରିଣାମ ସେମାନଙ୍କୁ ହିଁ ଅଧିକ ଜଣା। ମହିଳାଙ୍କର ଅକୁଣ୍ଠ ସମର୍ଥନ ପଛରେ ବି ସେଇ କାରଣ। ସେଦିନ ଡିସେମ୍ବର ଶେଷ ସଂଧ୍ୟାରେ ଶୀତରେ ଯେଉଁ ପଞ୍ଚାୟତ ବସିଥିଲା ଏବଂ ଜାତି ନିର୍ବିଶେଷରେ ପିଲାଏ ଯାକିଯୁକି ହୋଇ ଗାଁ ଦାଣ୍ଡରେ ବସି ପଞ୍ଚାୟତରେ ସାମିଲ୍ ହୋଇଥିଲେ, ମନେ ହେଲା, ଜାତି ରହିପାରେ, କିନ୍ତୁ ଆନ୍ଦୋଳନ ଦୀର୍ଘସ୍ଥାୟୀ ହେଲେ ଛୁଆଁ ଅଛୁଆଁ ଭାବ ଗାଁରୁ ଉଭେଇ ଯିବ ନିଶ୍ଚୟ।

ଗାଁ ପଞ୍ଚାୟତରୁ ଫେରି ମୋର ଅଶୀଦିତମ ଶଯ୍ୟାଶାୟୀ ବାପାଙ୍କୁ କହିଲି 'ପଞ୍ଚାୟତ' କଥା। ସେ ଖୁସି ହେଲେ, କାରଣ ଅଭିଯୁକ୍ତ ଯୁବକକୁ ଦଣ୍ଡ ଦିଆ ନଯାଇ ସୁଧୁରିବା ପାଇଁ ଅବସର ଦିଆଯାଇଥିଲା। କହିଲେ, 'ଆମେ ବୟସ୍କମାନେ ଗାଁର କରୁଣ ସ୍ଥିତିକୁ ନେଇ କେବଳ ଦୁଃଖ କରିବା ଜାଣିଥିଲୁ। ସମାଧାନ ବି ଗାଁ ହାତରେ ଏବଂ ଏତେ ସହଜରେ ବୋଲି ଧାରଣା କରି ପାରୁନଥିଲୁ। ପଞ୍ଚାଏ ମେଞ୍ଚଡ ଟୋକା ଏବଂ ତା'ବି ଅଧିକାଂଶ ତଳ ଜାତିରେ, ଅଶିକ୍ଷିତ, ଗାଁକୁ ସମାଧାନ ଦେଇଗଲେ। ଆଗାମୀ ଦିନର ଗାନ୍ଧି, ଗୋପବନ୍ଧୁ ଏମାନେ। କେବଳ ନିଜ ଭିତରର ଶକ୍ତିକୁ ସେମାନେ ଚିହ୍ନିବା କଥା। ଦରକାର ପଡିଲେ ସ୍ରୋତର ପ୍ରତିକୂଳରେ ଯିବାପାଇଁ ପ୍ରସ୍ତୁତି ରଖିବା କଥା।' ଆଳୁ କିଆରୀରେ ପାଣି ଡେଣ୍ଟୁଥିବା କୁରେଶ୍ୱର କହିଲା, 'ମାମୁଁ, ଏବେ ଆମ ତଳ ଜାତି, ଗରିବ ଘର ପିଲା ପଡାଲେଖା ଆଡକୁ ଗଲେଣି, ଗାଁ କଥା ଚିନ୍ତା କଲେଣି। ଗାଁ ଏଣିକି ସୁଧୁରିଯିବ। 'ଶିକ୍ଷିତ' ବାପା ଏବଂ 'ନିରକ୍ଷର' କୁରେଶ୍ୱରର କଥାରେ ଶବ୍ଦ ଅଲଗା ଅଲଗା, ମାତ୍ର ଭାବ ଯେ ଗୋଟାଏ- ଗାଁରୁ ଫେରିବା ବେଳେ ଏକଥା ସେଦିନ ମୁଁ ମର୍ମେ ମର୍ମେ ଅନୁଭବ କରୁଥିଲି।

ଏସ୍ ଆର୍-୬, ଆର ଆଇ ଇ
ଭୁବନେଶ୍ୱର-୨୨

ଦୈନିକ ସମ୍ବାଦର ବୁଧବାର ଜାନୁଆରି ୧୬ ତାରିଖ ସଂସ୍କରଣରେ ପ୍ରକାଶିତ

# ଧରିତ୍ରୀ

ଇଂରାଜୀ ଶବ୍ଦକୁ ଓଲଟାଇ କହିବା ସହିତ ସଙ୍ଗେ ସଙ୍ଗେ ନିର୍ଭୁଲ ବନାନ କରିବା ସହଜସାଧ୍ୟ ନୁହେଁ। ତଥାପି ଅଭ୍ୟାସ ଦ୍ୱାରା ଏହା ସମ୍ଭବ କରିଛନ୍ତି ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀ ଧରିତ୍ରୀ ସାହୁ।

ଇଂରାଜୀ ଅନେକଙ୍କ ପାଇଁ ଏକ କଠିନ ଭାଷା ଏବଂ ଏଥିରେ ପାରଙ୍ଗମ ହେବା କଷ୍ଟକର ବ୍ୟାପାର। ଏହାକୁ କହିବା ଓ ସଙ୍ଗେ ସଙ୍ଗେ ନିର୍ଭୁଲ ବନାନ କରିବା ମଧ୍ୟ ସେତେଟା ସମ୍ଭବ ନୁହେଁ। ଏହାଛଡା ଇଂରାଜୀ ଶବ୍ଦ କିମ୍ବା ଛୋଟ ଛୋଟ ଇଂରାଜୀ ବାକ୍ୟକୁ ବନାନ କରିବା ସହିତ ତାକୁ କାଳବିଳମ୍ବ ନ କରି ଓଲଟାଇ ବନାନ କରିବା ଏକ ଅସମ୍ଭବ ବ୍ୟାପାର ନୁହେଁ କି? ତଥାପି ଏଭଳି ଏକ ଅସମ୍ଭବ କଥାକୁ ସମ୍ଭବ କରିବାରେ ସକ୍ଷମ ହୋଇଛନ୍ତି ଭୁବନେଶ୍ୱର ବିଜେବି କଲେଜରେ ଅଧ୍ୟୟନ କରୁଥିବା ଯୁକ୍ତ ୨ ଶ୍ରେଣୀର ଛାତ୍ରୀ ଧରିତ୍ରୀ ସାହୁ। ଚନ୍ଦ୍ରନାରାୟଣ ସାହୁ ଓ ରଶ୍ମିରେଖା ସାହୁଙ୍କ



ଝିଅ ଧରିତ୍ରୀ ଷଷ୍ଠ ଶ୍ରେଣୀରୁ ଏଭଳି ଅଭ୍ୟାସ ଜାରି ରଖି ଏବେ ଇଂରାଜୀ ଭାଷାରେ ବେଶ୍ ପାରଙ୍ଗମ ହୋଇ ପାରିଛନ୍ତି। ଯେ କୌଣସି ଇଂରାଜୀ ଶବ୍ଦର ବନାନକୁ ଖୁବ୍ ଶୀଘ୍ର ଓଲଟାଇ ସେ କହି ପାରୁଛନ୍ତି। ଏପରିକି ଛୋଟ ଛୋଟ ଇଂରାଜୀ ବାକ୍ୟର ବନାନ ମଧ୍ୟ

ଡ ଜ୍ୟୋତି ପ୍ରସାଦ ପଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରକାଶିତ



2nd Year, 12th Issue
January, 2008
ଦ୍ୱିତୀୟ ବର୍ଷ, ଦ୍ୱାଦଶ ସଂଖ୍ୟା
ଜାନୁଆରି, ୨୦୦୮
ଆହ୍ୱାନ
ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଓଲଟାଇ କହିବାରେ ସେ ଓସ୍ତାଦ। ବିଜେବି ଜୁନିୟର୍ କଲେଜ ଅଧ୍ୟକ୍ଷ ଡ ରଘୁନାଥ ପଣ୍ଡାଙ୍କ କହିବା ଅନୁଯାୟୀ ଭଗବାନଙ୍କ ଅନ୍ତର୍ନିହିତ ଶକ୍ତି ଧରିତ୍ରୀଙ୍କ ପାଖରେ ଅଛି। ୩୪ ବର୍ଷ ଶିକ୍ଷକତା ଭିତରେ ସେ ଏଭଳି ଜଣେ ମେଧାବୀ ଛାତ୍ରୀ ଦେଖି ନାହାନ୍ତି। ଧରିତ୍ରୀ ପରି ଜଣେ ପ୍ରତ୍ୟୁତ୍ପନ୍ନମତି ଛାତ୍ରୀଙ୍କୁ ପାଇ ବିଜେବି କଲେଜ ଆଜି ଗର୍ବିତ। ଇଂରାଜୀ ଶବ୍ଦକୁ କାଳବିଳମ୍ବ ନ କରି ଓଲଟାଇଦେବା ସହଜ ନୁହେଁ। ଏଥିରୁ ଦୁଇଟି କଥା ସ୍ପଷ୍ଟ ହୋଇଛି ଯେ, ତୀକ୍ଷ୍ଣ ବୁଦ୍ଧି ଓ ଶବ୍ଦ ଉପରେ ତା'ର ନିୟନ୍ତ୍ରଣ ଶକ୍ତି ରହିଛି। ସର୍ବୋପରି ତାଙ୍କ ଭିତରେ ପ୍ରଖର ଧୀଶକ୍ତି ରହିଛି। ସରକାରି ସ୍ତରରେ ପ୍ରୋତ୍ସାହନ ଦିଆଗଲେ ସେ ତାଙ୍କର ବ୍ୟକ୍ତିତ୍ୱ ଓ ପ୍ରତିଭାର ପରିପ୍ରକାଶ କରି ପାରିବେ ଏବଂ ଏଥିରେ ଅନ୍ୟମାନେ ମଧ୍ୟ ପ୍ରୋତ୍ସାହିତ ହୋଇପାରିବେ। ଅଭ୍ୟାସ ଯୋଗୁଁ ସେ ଏଭଳି ଏକ କଠିନ କାର୍ଯ୍ୟ କରିପାରି ଥିବାରୁ ଏ ପରିଶ୍ରମ ପାଇଁ ତାଙ୍କୁ ସ୍ୱୀକୃତି ମିଳିବା ଆବଶ୍ୟକ। ବିଜେବି କଲେଜ ଇଂରାଜୀ ବିଭାଗର ବରିଷ୍ଠ ପ୍ରାଧ୍ୟାପକ ଶୈଳେନ୍ଦ୍ର ନାରାୟଣ ତ୍ରିପାଠୀ, ଧରିତ୍ରୀଙ୍କ ଇଂରାଜୀ ଶବ୍ଦଗୁଡିକର ପରିକ୍ଷା କରିବା ପରେ କହିଲେ-ଏହା ଏକ ଅଦ୍ଭୁତ ଶକ୍ତି। ପିଲାମାନେ ଇଂରାଜୀ ଶବ୍ଦକୁ ଠିକ୍ ଭାବରେ ବନାନ କରି ପାରୁନଥିବା ବେଳେ ପ୍ରତ୍ୟେକ ଇଂରାଜୀ ଶବ୍ଦକୁ ଶୁଣି ତାକୁ ନିର୍ଭୁଲ ଭାବରେ ଓଲଟାଇ କହିବା ନିଶ୍ଚିତ ରୂପରେ ତାଙ୍କର ଏକ ଦୁର୍ଲ୍ଲଭ ଗୁଣ।

ଇଂରାଜୀ ଭାଷାକୁ ଓଲଟାଇ କହିବା ଆରମ୍ଭ କରିବା ସଂପର୍କରେ ଧରିତ୍ରୀ କହନ୍ତି, ସେ ଯେତେବେଳେ ଷଷ୍ଠ ଶ୍ରେଣୀରେ ପଢୁଥିଲେ ସେତେବେଳେ ଶ୍ରେଣୀ ଶିକ୍ଷକ ତାଙ୍କୁ ଶ୍ରୁତି ଲିଖନ ଡାକୁଥିଲେ। ସେହି ସମୟରେ ଶିକ୍ଷକ ଡାକୁଥିବା ଶବ୍ଦର ବନାନକୁ ନିର୍ଭୁଲ ଭାବରେ କହିବା ସହିତ ତାକୁ ସେ ଓଲଟାଇ କହିବା ପାଇଁ ମଧ୍ୟ ଚେଷ୍ଟା କରୁଥିଲେ। ସେବେଠାରୁ ଆଜି ପର୍ଯ୍ୟନ୍ତ ସେମିତି ବହୁତ ଇଂରାଜୀ ଶବ୍ଦକୁ ଓଲଟାଇ କହିବା ପାଇଁ ଅଭ୍ୟାସ ଜାରି ରଖିଛନ୍ତି। ଧୀରେ ଧୀରେ ଇଂରାଜୀ ଶବ୍ଦଗୁଡିକ ମନେ ରଖିବାରେ ଏହା ତାଙ୍କୁ ଖୁବ୍ ସହଜ ହୋଇଛି। ଏବେ ଯେ କୌଣସି ଶବ୍ଦକୁ ସେ ଖୁବ୍ ସହଜରେ ଓଲଟାଇ କହିପାରୁଛନ୍ତି।

ଧରିତ୍ରୀ ବହୁମୁଖି ପ୍ରତିଭା ସଂପର୍ଣ୍ଣ ଝିଅ। ପାଠପଢା ବ୍ୟତୀତ ସେ ଭଲ ଚିତ୍ର ଆଙ୍କନ୍ତି, ନୃତ୍ୟ ମଧ୍ୟ କରିପାରନ୍ତି। ବିନା ତାଲିମରେ ବିଭିନ୍ନ ପ୍ରକାରର ଟେରାକୋଟା କାମ, କଣ୍ଢେଇ, ଘର ସଜାଇବା ସରଞ୍ଜାମ ମଧ୍ୟ ତିଆରି କରି ପାରନ୍ତି। ଏଥିପାଇଁ ତାଙ୍କୁ ବହୁ ଅନୁଷ୍ଠାନ ପକ୍ଷରୁ ଅନେକ ପୁରସ୍କାର ଓ ସମ୍ମାନ ମିଳିଛି।

ଇଂରାଜୀ ଭାଷା ଏକ କଠିନ ଭାଷା ନୁହେଁ। ନିୟମିତ ଅଭ୍ୟାସ ଦ୍ୱାରା ଏହା ଖୁବ୍ ସହଜ ହୋଇଥାଏ। ପିଲାଟି ଦିନରୁ ଅଭ୍ୟାସ ଜାରି ରଖିଲେ ନିଶ୍ଚିତ ଭାବରେ ଜଣେ ଏଥିରେ ପାରଦର୍ଶିତା ଲାଭ କରି ପାରିବ ବୋଲି ଧରିତ୍ରୀ କହିଛନ୍ତି। ଇଂରାଜୀ ଭାଷା ଓଲଟାଇ କହିବାରେ କାହାର ରେକର୍ଡ ଅଛି କି ନାହି ତାହା ତାଙ୍କୁ ଜଣା ନାହିଁ। ବର୍ତ୍ତମାନ ଅଧିକରୁ ଅଧିକ ଇଂରାଜୀ ଶବ୍ଦକୁ ସେ ମନେ ରଖି ଓଲଟାଇବା ପାଇଁ ନିୟମିତ ଭାବେ ବହୁ ଇଂରାଜୀ ଖବର କାଗଜ ଓ ପତ୍ରପତ୍ରିକା ଅଧ୍ୟୟନ କରୁଛନ୍ତି। ପୂର୍ବରୁ ଇଂରାଜୀ ଶବ୍ଦକୁ କୌତୁକରେ ଓଲଟାଇ କହି ପ୍ରଶଂସିତ ହେଉଥିବା ଧରିତ୍ରୀଙ୍କର ଏବେ ଇଂରାଜୀ ଶବ୍ଦକୁ ଅବିଳମ୍ବେ ଓଲଟାଇ କହିବା ଏକ ନିଶାରେ ପରିଣତ ହୋଇଛି।

ଏହାକୁ ପଠାଇଛନ୍ତି ଆମର ପାଠକ ସଞ୍ଜୟ ସାହୁ




http://aahwaan.5gbfree.com/calendar

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି



2nd Year, 12th Issue
January, 2008
ଦ୍ୱିତୀୟ ବର୍ଷ, ଦ୍ୱାଦଶ ସଂଖ୍ୟା
ଜାନୁଆରି, ୨୦୦୮

ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

# ସନ୍ଧି

ଡ ସଂଜୀବ କୁମାର କର୍ମୀ
ଆଖନ୍ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି
ଆଖନ୍, ୫୨୦୭୪, ଜର୍ମାନୀ

ଏବେ ସବୁ
ଅସଜଡା, ଓଲଟ ପାଲଟ
ହେଲାପରି ଲାଗେ,
ଅନେକ ସମସ୍ୟା
ଏହାର ସମାଧାନ କଣ? ୧

ସବୁଅଛି
ମୋ ଖୁବ୍ ନିକଟରେ
କିନ୍ତୁ ଖୋଜିଲେ ମିଳେ
ଥାକ ଥାକ ପ୍ରଶ୍ନ ୨

ଜଣାଶୁଣା ସଂପର୍କର
ସବୁକଥା ବାହାରେ କହି
ଲାଭ କଣ?
ବରଂ ମନକଥା ମନରେ ରଖିବା ୩

ଅନବରତ ଯୁଦ୍ଧ
ଚାଲିଛି,
ସଂଦେହ, ଅହଂକାର ଓ ପ୍ରଶ୍ନ
ମାନଙ୍କ ସହ
ଭାବୁଛି
ସବୁ ସରିବା ପୂର୍ବରୁ
ସନ୍ଧି କରିବା ଠିକ୍ ହେବ ୪

# ନମଇଁ ନୃସିଂହ ଚରଣ

ଶ୍ରୀ ନିର୍ମଳ ମିଶ୍ର

ନବାକ୍ଷରୀ ବୃତ୍ତରେ ଲିଖିତ ପରମ ଗ୍ରନ୍ଥ ଭାଗବତ ପାଠ କରିବା ମାତ୍ରେ ଦୃଷ୍ଟିପଥାରୁଢ ହୁଏ,- 'ନମଇଁ ନୃସିଂହ ଚରଣ'। ଏହାର ତାତ୍ପର୍ଯ୍ୟ ଦର୍ଶାଇବା ଏଇ ରଚନାର ଲକ୍ଷ୍ୟ ଅଟେ।

ନିର୍ବିଘ୍ନରେ ଗ୍ରନ୍ଥ ରଚନା ଶେଷ ହେବାପାଇଁ, ନିଜର ତଥା ପାଠକ ମାନଙ୍କର ମଙ୍ଗଳ ସାଧନ ପାଇଁ ଗ୍ରନ୍ଥ ବା କାବ୍ୟପୁରାଣ ପ୍ରଭୃତିର ଆରମ୍ଭରେ 'ମଙ୍ଗଳା ଚରଣ' ଲେଖିବା ଆମର ପ୍ରାଚୀନ ପରଂପରା ରୂପେ ସ୍ୱୀକୃତ। ଏହି ପରଂପରା କ୍ରମେ ମହାପୁରୁଷ ଜଗନ୍ନାଥ ଦାସ ମହାପୁରାଣ ଭାଗବତ ଆରମ୍ଭରେ ମହାପ୍ରଭୁ ନୃସିଂହଙ୍କୁ ନମସ୍କାର କରିଛନ୍ତି। ଗ୍ରନ୍ଥ ରଚନା ପାଇଁ ଜ୍ଞାନର ଆବଶ୍ୟକତା ଉପଲବ୍ଧ ହୁଏ। 'ଭାଗବତ'ର ରଚନା ପାଇଁ ଯେଉଁ ଜ୍ଞାନ ପ୍ରୟୋଗ ହୋଇଛି, ଏବଂ ଓଡିଆ ଭାଗବତ ପାଠ କଲେ ଯେଉଁ ଜ୍ଞାନ ମନପ୍ରାଣକୁ ପବିତ୍ର କରେ, ପୁଲକିତ କରେ, ତାହା ହେଉଛି ଦିବ୍ୟଜ୍ଞାନ। ଏହି ଦିବ୍ୟଜ୍ଞାନର ଦାତା ହେଉଛନ୍ତି ନୃସିଂହ। 'ନୀଳାଦ୍ରି ମହୋଦୟ'ରେ କୁହାଯାଇଛି- 'ନମସ୍ତସ୍ମୈ ନୃସିଂହାୟ ଦିବ୍ୟଜ୍ଞାନ ପ୍ରଦାୟିନେ'। ଅନ୍ୟ ଏକ ଦୃଷ୍ଟି କୋଣରୁ ବିଚାର କଲେ ଜଣାଯାଏ ଯେ ନୃସିଂହ କେବଳ ଦିବ୍ୟଜ୍ଞାନ ପ୍ରଦାନ କରନ୍ତି ନାହିଁ, ସେ ମଧ୍ୟ ବିଶ୍ୱାସର ମୂର୍ତ୍ତିମନ୍ତ ଦେବତା। ଭଗବାନ ବିଶ୍ୱାସରେ ଉପଲବ୍ଧ ହୁଅନ୍ତି। ତେଣୁ କୁହାଯାଇଛି, 'ବିଶ୍ୱାସେ ମିଳଇ ହରି'। ଭକ୍ତ ପ୍ରହ୍ଲାଦଙ୍କର ଦୃଢ ବିଶ୍ୱାସକୁ ସତ୍ୟରେ ପରିଣତ କରି ସ୍ତମ୍ଭରୁ ନୃସିଂହଙ୍କର ଆବିର୍ଭାବ ହୋଇଥିଲା। ତେଣୁ ବିଶ୍ୱାସର ଅମୃତ ବାଣ୍ଟିବା ପାଇଁ ଓ ପାଠକ ବା ଶ୍ରୋତାମାନେ ଏହାକୁ ଆଦର ସହକାରେ ଗ୍ରହଣ କରିବାପାଇଁ ବିଶ୍ୱାସ ସମ୍ଭୂତ ଠାକୁର ନୃସିଂହଙ୍କୁ 'ଭାଗବତ' ଆରମ୍ଭରେ



2nd Year, 12th Issue
January, 2008
ଦ୍ୱିତୀୟ ବର୍ଷ, ଦ୍ୱାଦଶ ସଂଖ୍ୟା
ଜାନୁଆରି, ୨୦୦୮
ଆହ୍ୱାନ
ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଜଗନ୍ନାଥ ଦାସ ପ୍ରଣାମ କରିଛନ୍ତି। ବର୍ତ୍ତମାନ ନୃସିଂହଙ୍କର ସ୍ୱରୂପ ସଂପର୍କରେ ଚିନ୍ତା କରାଯାଉ। ପ୍ରଭୁ ନୃସିଂହ ହେଉଛନ୍ତି, ନର ଓ ସିଂହର ସମ୍ମିଳିତ ରୂପ। ସମସ୍ତ ପ୍ରକାର ଶ୍ରେଷ୍ଠ ଉପାଦାନ ମାନଙ୍କରେ ଈଶ୍ୱର ମଣିଷକୁ ସୃଷ୍ଟି କରି ସାରିବାପରେ ଆତ୍ମ ସନ୍ତୋଷ ଲାଭ କଲେ। 'ଭାଗବତ'ରେ କୁହାଯାଇଛି-

*ମନୁଷ୍ୟ ଦେହେ ଦିବ୍ୟଜ୍ଞାନ*
*ଦେଖି ସନ୍ତୋଷ ଭଗବାନ।*

ଏହି ଦିବ୍ୟଜ୍ଞାନ ବଳରେ ମୁକ୍ତି ପାଇବା ପାଇଁ ମଣିଷ ଯେପରି ସମର୍ଥ, ଅନ୍ୟ ପ୍ରାଣୀ ମାନେ ସେପରି ସମର୍ଥ ହୋଇନଥାନ୍ତି। ମଣିଷର କଳେବର ମୁକ୍ତିର କଳେବର ଭାଗବତରେ ବର୍ଣ୍ଣିତ ହୋଇଛି। ମାତ୍ର ଦୁଃଖର ବିଷୟ ଏହିକି, ମଣିଷ ନିଜ କଳେବରର ମର୍ଯ୍ୟାଦା ଉପଲବ୍ଧି କରି ପାରୁନି। ସୂର୍ଯ୍ୟ ଚନ୍ଦ୍ରଙ୍କର ଆଲୋକକୁ ମେଘ ଆଚ୍ଛାଦିତ କଲାଭଳି ଷଡରିପୁ ଓ ପଚିଶ ପ୍ରକୃତି ମଣିଷର ସୁମନକୁ ଆଚ୍ଛାଦିତ କରୁଛି। ପାପ ଓ ଅନ୍ୟାୟ ପଥରେ ମଣିଷକୁ ପରିଚାଳିତ କରୁଛି। ଫଳରେ ମଣିଷର କଳେବର 'ମୁକତିର ଦ୍ୱାର' ନ ହୋଇ 'ଭୋଗର ମନ୍ଦିର' ରେ ପରିଣତ ହୋଇଛି। ପଶୁ ପ୍ରବୃତ୍ତିର ଶୀକାର ହେଉଛି- ହିରଣ୍ୟକଶ୍ୟପୁର ବିନାଶ ପାଇଁ ନୃସିଂହଙ୍କର ଆରାଧନା ହିଁ ଆବଶ୍ୟକ। ରାକ୍ଷସ ନିଧନ ମାଧ୍ୟମରେ ନୃସିଂହ ରୂପ ଧାରଣ କରି ଭଗବାନ ଏହି ବାର୍ତ୍ତା ପ୍ରଚାର କରିଛନ୍ତି। ଶାସ୍ତ୍ରରେ କୁହାଯାଇଛି; 'ନମୋ ନୃସିଂହ ରୂପାୟ ଦୈତ୍ୟୋରଃସ୍ଥଳ ଦାରିଣେ'। ଏହି କଥା ଚିନ୍ତା କରି ଜଗନ୍ନାଥ ଦାସ ଭାବିଛନ୍ତି 'ଭାଗବତ'ରେ ପ୍ରଥମେ ନୃସିଂହଙ୍କୁ ଭକ୍ତି ଅର୍ଘ୍ୟ ପ୍ରଦାନ କରିଛନ୍ତି।

ଜଗନ୍ନାଥ ଦାସ 'ଭାଗବତ' ଆରମ୍ଭରେ 'ନମଇଁ ନୃସିଂହ ଚରଣ' ଲେଖିବାର ମୁଖ୍ୟ କାରଣଟି ଏବେ ଉପସ୍ଥାପନ କରାଯାଉ। ତାହା ହେଉଛି, ଓଡିଆ ଭାଗବତ ରଚୟିତା ଥିଲେ ଜଗନ୍ନାଥଙ୍କର ଭକ୍ତ। ଜଗନ୍ନାଥ ଦାସଙ୍କ ପାଇଁ ନୀଳାଚଳ ନାଥ ଜଗନ୍ନାଥ ଥିଲେ ପିତା, ମାତା, ଭାଇ, ବନ୍ଧୁ ସବୁ କିଛି। ବହୁ ଶାସ୍ତ୍ର ଅଧ୍ୟୟନ କରି ଜଗନ୍ନାଥ ଦାସ ଜାଣିଥିଲେ ଯେ, ନୃସିଂହ ହେଉଛନ୍ତି- ଜଗନ୍ନାଥଙ୍କର ଆଦ୍ୟ ରୂପ। ବ୍ରହ୍ମା ଜଗନ୍ନାଥଙ୍କୁ ପ୍ରତିଷ୍ଠା କଲା ବେଳେ ମନ୍ତ୍ରରାଜ ନୃସିଂହ ମନ୍ତ୍ରରେ ଅଭିମନ୍ତ୍ରିତ କରିଥିଲେ। ଫଳରେ ଇନ୍ଦ୍ରଦ୍ୟୁମ୍ନ କାଳାଗ୍ନି ରୁଦ୍ରରୂପୀ ନୃସିଂହଙ୍କୁ ପ୍ରଥମେ ଦର୍ଶନ କରି ଭୟଭୀତ ହୋଇଥିଲେ ଏବଂ ବ୍ରହ୍ମାଙ୍କୁ ଏହାର କାରଣ ପଚାରିବାରୁ ବ୍ରହ୍ମା କହିଲେ- 'ଆଦ୍ୟମୂର୍ତ୍ତୀର୍ଭଗବତୋ ନାରସିଂହାକୃତି ନୃପ।' ଅର୍ଥାତ ନୃସିଂହଙ୍କର ଆକୃତି ଭଗବାନ ଜଗନ୍ନାଥଙ୍କର 'ଆଦ୍ୟ ଆକୃତି'। ଏହାପରେ ବ୍ରହ୍ମା ଇନ୍ଦ୍ରଦ୍ୟୁମ୍ନ ମହାରାଜଙ୍କୁ ବହୁବିଧ ଫଳ ପ୍ରଦାନକାରୀ ନୃସିଂହ ମନ୍ତ୍ରରେ ଦୀକ୍ଷିତ କରାଇଥିଲେ। ଓ ଏହି ମନ୍ତ୍ର ଜପ କରିବାପରେ ଇନ୍ଦ୍ରଦ୍ୟୁମ୍ନ ନୃସିଂହଙ୍କର ଉଗ୍ରରୂପ ବଦଳରେ ଦାରୁବ୍ରହ୍ମଙ୍କର ଶାନ୍ତ ରୂପ ଦର୍ଶନ କରିଥିଲେ। ଜଗନ୍ନାଥ ଧର୍ମ ସଂସ୍କୃତି ଓ ଶ୍ରୀ ମନ୍ଦିର ପରଂପରାରେ ନୃସିଂହଙ୍କର ମୁଖ୍ୟ ଭୂମିକା ସ୍ୱୀକୃତ ହୋଇଥାଏ। କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀରେ ଶ୍ରୀ ଜଗନ୍ନାଥ ନୃସିଂହ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଥାଆନ୍ତି। ମହାପ୍ରସାଦ ପ୍ରସ୍ତୁତି, ଅଣସର, ରଥଯାତ୍ରା ଓ ନବକଳେବର ବିଧିପାଳନ ସମୟରେ ନୃସିଂହ ପ୍ରଧାନ ଦେବତା ଭାବେ ପୂଜିତ ହୋଇଥାଆନ୍ତି। ଜଗନ୍ନାଥ ଦାସ ଜଗନ୍ନାଥଙ୍କର ଆଦ୍ୟରୂପ ନୃସିଂହ ଦେବତାଙ୍କର ଏତାଦୃଶ ଗୁରୁତ୍ୱ ଉପଲବ୍ଧି କରି ଭାଗବତ ରଚନା ଆରମ୍ଭରେ ନୃସିଂହଙ୍କର ଚରଣରେ ମନ ଲଗାଇଛନ୍ତି।

ଓଡିଆ ଭାଗବତ ଆରମ୍ଭରେ 'ନମଇଁ ନୃସିଂହ ଚରଣ' ଲେଖା ହେବାର ଅନ୍ୟତମ ମୁଖ୍ୟ କାରଣ ହେଉଛନ୍ତି ଶ୍ରୀଧର ସ୍ୱାମୀ। ତତ୍କାଳୀନ ସମୟରେ ସଂସ୍କୃତ ଭାଗବତ ସଂପର୍କରେ ଯେତେଗୁଡିଏ ଟୀକା ରଚନା କରାଯାଉଥିଲା, ସେମାନଙ୍କ ମଧ୍ୟରେ ଶ୍ରୀଧର ସ୍ୱାମୀକୃତ 'ଭାବାର୍ଥ ଦୀପିକା' ସବୁଠାରୁ ପ୍ରିୟ ତଥା ପ୍ରଭାବଶାଳୀ ଥିଲା। ଏପରିକି ଚୈତନ୍ୟ ମହାପ୍ରଭୁ ଶ୍ରୀଧର ସ୍ୱାମୀଙ୍କୁ ଓ 'ଭାବାର୍ଥ ଦୀପିକା'କୁ ଯଥେଷ୍ଟ ଭାବେ ସମ୍ମାନ ପ୍ରଦର୍ଶନ କରୁଥିଲେ। ନୃସିଂହ ଥିଲେ ଶ୍ରୀଧର ସ୍ୱାମୀଙ୍କ ଇଷ୍ଟ ଦେବତା ଓ ତାଙ୍କରି ଦୟାରୁ 'ଭାବାର୍ଥ ଦୀପିକା' ରଚିତ

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି



2nd Year, 12th Issue
January, 2008
ଦ୍ୱିତୀୟ ବର୍ଷ, ଦ୍ୱାଦଶ ସଂଖ୍ୟା
ଜାନୁଆରି, ୨୦୦୮

ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ହୋଇଥିଲା। ଭାଗବତ ରଚନା ବେଳେ ଶ୍ରୀଧର ସ୍ୱାମୀଙ୍କ ପ୍ରତିଭା ଏବଂ 'ଭାବାର୍ଥ ଦୀପିକା' ଦ୍ୱାରା ଜଗନ୍ନାଥ ଦାସ ପ୍ରଭାବିତ ହୋଇଥିଲେ। ଏଣୁ ଶ୍ରୀଧର ସ୍ୱାମୀଙ୍କ ପଦାଙ୍କ ଅନୁସରଣ କରି ଜଗନ୍ନାଥ ଦାସ 'ଭାଗବତ' ଆରମ୍ଭରେ ନୃସିଂହଙ୍କୁ ସ୍ମରଣ କରିଛନ୍ତି।

ପ୍ରଚଳିତ କିମ୍ବଦନ୍ତୀ ଅନୁଯାୟୀ ଜଗନ୍ନାଥ ଦାସ 'ଭାଗବତ' ରଚନା ପୂର୍ବରୁ ଜଗନ୍ନାଥଙ୍କର ଶରଣାପନ୍ନ ହୋଇଥିଲେ ଏବଂ ମହାପ୍ରଭୁ ଜଗନ୍ନାଥ ଦାସଙ୍କୁ କାମନା ଚରିତାର୍ଥ ପାଇଁ ନୃସିଂହଙ୍କର ଆରାଧନା କରିବାକୁ ଉପଦେଶ ଦେଇଥିଲେ। ଏହି ଆଦେଶ ମାନି ଜଗନ୍ନାଥ ଦାସ ନୃସିଂହଙ୍କୁ ଧ୍ୟାନ କରୁଥିବା ବେଳେ ନୃସିଂହ ପ୍ରସନ୍ନ ହେବାରୁ ମେଧା, ସୁମେଧା ନାମରେ ଦୁଇଜଣ ତରୁଣୀ ଜଗନ୍ନାଥ ଦାସଙ୍କୁ ଲେଖନୀ ଓ ତାଳପତ୍ର ପୋଥି ଧରାଇ ଦେଇଥିଲେ। ଧ୍ୟାନ ଶେଷରେ ଜଗନ୍ନାଥ ଦାସ ହାତରେ ତାଳପତ୍ର ପୋଥି ଓ ଲେଖନୀ ଦେଖି ଲେଖିବାକୁ ଆରମ୍ଭ କଲେ-

*ନମଇଁ ନୃସିଂହ ଚରଣ*
*ଅନାଦି ପରମ କାରଣ।*

ଏହି ପ୍ରସଙ୍ଗ ଏଇଠି ଥାଉ। ପାଠକ ମାନଙ୍କର ମଙ୍ଗଳ ନିମିତ୍ତ ନୃସିଂହ ରୂପୀ ଜଗନ୍ନାଥଙ୍କୁ ପ୍ରାର୍ଥନା କରୁଛି-

*ତ୍ରାଭିବିଷ୍ଣୋଜଗନ୍ନାଥ ପାଣ୍ଡୁରୂପ ନମୋଽସ୍ତୁତେ*
*ନରସିଂହ ମହାବୀର୍ଯ୍ୟ ତ୍ରାହିମାଂ ଦୀପ୍ତଲୋଚନ।*

ପୋଖରୀଆ ସାହି, ପୁରୀ




# ତଥାପି ଅଦରକାରୀ

ରାସ୍ତା କଡରେ ଠିଆ ହୋଇ ସବୁ ଆସିବା ଯିବା ବସ୍‌କୁ ସେ ଅଟକାଉଥିଲା, ଯିଏ ଯାହା ଦେଉଥିଲା, ନିଜ ପକେଟରେ ପୁରେଇ ସେଇମିତି ଠିଆ ହୋଇ ରହୁଥିଲା। କାହାକୁ କିଛି ବାଧ୍ୟକରି ମାଗିବାର କେହି ଦେଖି ନାହାନ୍ତି। ଭେଣ୍ଡିଆ ଟୋକାଟା, ବୟସ ତିରିଶି କିମ୍ବା ଟିକେ ଅଧିକ ହୋଇଥିବ ବୋଧହୁଏ। ସଫା ଧଳା ପୋଷାକ ପିନ୍ଧି ରୋଜ ରୋଜ ସେ ଏଇମିତି ବସ୍‌ଷ୍ଟାଣ୍ଡକୁ ଆସେ ଆଉ ପ୍ରତ୍ୟେକ ବସ୍‌ରୁ କିଛି କିଛି ପାଉଣା ଆଦାୟ୍ କରିଯାଏ। ସଞ୍ଜବେଳକୁ ଘରକୁ ଫେରେ। ସବୁ ଜାଣନ୍ତି ତା'କୁ, କିନ୍ତୁ କାହା ପାଖରେ ସମୟ୍ ନାହିଁ, କିଛି ସମୟ୍ ଅଟକିଯାଇ ତା'ସହ କଥା ହେବାପାଇଁ। ସେ ବି କାହାକୁ ବାଧା ଦିଏନି। କାହାକୁ ଧମକାଇବା, କିମ୍ବା କାହାକୁ ଡରେଇବା କାମ ସେ କେବେ କରେନି। ନହେଲେ, ଯୁଆନ୍ ଟୋକାଟା ଏମିତି ଖାଲିରେ ସମସ୍ତଙ୍କଠାରୁ ପଇସା ନିଏ ସିନା କେହି କେବେ କାହାକୁ ତା' ବିରୋଧରେ କହିବାର କେହି ଦେଖି ନାହାନ୍ତି।

ପ୍ରତିଦିନ ସଞ୍ଜ ଗଡିଲେ ଘରକୁ ଫେରେ, ପିନ୍ଧିଥିବା ପୋଷାକକୁ ଝାଡି ଦିନସାରା ଯାହା କମାଇ ହୋଇଥାଏ, ତାକୁ ବିଛଣା ଉପରେ ପକାଏ। ସବୁ ହିସାବ କରି ଖାତାରେ ଲେଖେ। ଦିନରେ ହଜାର ବସ୍‌ରୁ ସେ ପଇସା ପାଇଥିଲେ ସୁଦ୍ଧା କିଏ କେତେ ଦେଇଛି, ସବୁର ହିସାବ ତା'ପାଖରେ ଥାଏ। ଖାତାରେ ସବୁ ଲେଖି ରଖେ। କାନକା ରାଓ ଗାଡିରୁ ସବୁଠୁ ବେଶୀ ପାଉଣା ମିଳେ, ରଘୁ ମହାପାତ୍ର କଞ୍ଜୁସ ଭଳି ଅଳ୍ପ ପଇସା ଦେଇ ଚାଲିଯାଏ। ସବୁ ହିସାବ ସରିଲେ, କଳରେ ପାନଟିଏ ଜାକିଦେଇ ସେ ବାହାରି ପଡେ ମେଳା ଘରକୁ, ସଞ୍ଜରେ ମୃଦଙ୍ଗ ବଜାଇବାକୁ ଭଲପାଏ ସେ।

ଆଜି ସକାଳୁ ସକାଳୁ ଗାଧୋଇ ପାଧୋଇ ସେ ବାହାରି ପଡିଲା, ବସ୍‌ଷ୍ଟାଣ୍ଡ ଆଡକୁ, ମାତ୍ର ଆଜି ଚକାବନ୍ଦ ଆନ୍ଦୋଳନ। କୌଣସି ବସ ଚାଲୁନି। ବସ୍‌ଷ୍ଟାଣ୍ଡରେ ସବୁ ବସ୍

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି



2nd Year, 12th Issue
January, 2008
ଦ୍ୱିତୀୟ ବର୍ଷ, ଦ୍ୱାଦଶ ସଂଖ୍ୟା
ଜାନୁଆରି, ୨୦୦୮

ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ବାଲାଏ ଜମାଟ ବାନ୍ଧି ବସିଛନ୍ତି । ସେ ଆସି ପାଖରେ ନିରବରେ ଠିଆ ହେଲା । କାନକା ରାଓ୍ୱର ଡ୍ରାଇଭର ଚା କପ୍‌ଟିଏ ବଢେଇ ଦେଇ କହିଲା ବସିବା ପାଇଁ, କିନ୍ତୁ ସେ ନିର୍ବିକାର ଭାବରେ ଠିଆ ହୋଇରହିଲା । ଅଧଘଣ୍ଟାପରେ ସବୁ ଯେ ଯୁଆଡେ ଯିବାକୁ ବାହାରିଲେ । ସେ ବି ଏକା ଏକା ଚାଲିଲା, ଘରକୁ । ଆଜି ସମୟ ପୂର୍ବରୁ ଫେରି ଆସିଥିଲା ସେ । ବୋଉ ତା'ପାଇଁ ପଖାଳ କଂସାଟେ ବାଢ଼ିଦେଇ କହିଲା, 'ଯା ହେଉ ସେ ସରକାର ଧନ୍ୟ । ଆଜି ବନ୍ଦ କଲାରୁ ତୁ ଘରେ ପାଣି ଟିକେ ପିଇବା ପାଇଁ ଆସିଲୁ । ନୋଇଲେ, ତୁ କୁଆଡେ ଆଉ ଖାଇବା କୁଆଡେ ।' ସତ କଥା, ସେ କେବେ ଘରେ ଦିନରେ ଖାଏନି । ବସ୍‌ଷ୍ଟାଣ୍ଡରେ ଯିଏ ଯାହା ଯାଚିଲା ଖାଇଦେଇ ରହିବା ତା' ଅଭ୍ୟାସ ।

ଘର ଭିତରୁ ବାହାରି ଆସୁ ଆସୁ ବାପା ତୀକ୍ଷ୍ଣ ଦୃଷ୍ଟିଟିଏ ପକେଇ କହିଲେ, 'ଆସିଗଲା ଅଳସୁଆ । କିଛି କାମଧନ୍ଦା ତ ନାହିଁ, ବସି ବୋପାର ପେନ୍‌ସନ ଟଙ୍କାରେ ଖାଇବ ।' କୁନାର ଆଖିରୁ ଦୁଇଧାର ଲୁହ ଖସି ପଡିଲା । କିନ୍ତୁ ସେ ଖାଇବା ସାରି ଉଠିଲା । ନିଜ କୋଠରୀକୁ ଯାଇ ଡେଇଲି କଲେକ୍ସନ ଖାତା ଖୋଲି ହିସାବରେ ଲାଗିଗଲା ।

କୁନା ସବୁଦିନେ ଏମିତି ନଥିଲା ।

ଦିନ ଥିଲା, ଏହି ବସ୍‌ଷ୍ଟାଣ୍ଡରୁ ବାହାରୁଥିବା ସବୁ ଗାଡିର କଣ୍ଡକ୍ଟର ମାନଙ୍କର ସେ ଗୁରୁ ଥିଲା । ଏଇ ମାତ୍ର ପାଞ୍ଚବର୍ଷ ତଳ କଥା । ସେ କହିଲେ ବସ୍ ବାହାରୁଥିଲା ନଇଲେ ନାଇଁ । ସବୁଠି ତା'ର କାଟତି ଥିଲା । ରାଜଧାନୀରୁ ବ୍ରହ୍ମପୁର ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଚାଲୁଥିବା ସବୁଠୁ ଦାମିକା ବସ୍‌ରେ ସେ ଥିଲା କଣ୍ଡକ୍ଟର । କଲେଜ ପିଲାଏ କନ୍‌ସେସନ୍ ମାଗିବା ସେ ଜମା ଶୁଣେନି । ଅନେକ ସମୟରେ ପିଲାଏ ତା'କୁ ଧମକି ବି ଦେଇଛନ୍ତି, ହେଲେ ସେ ଶୁଣିବା ଲୋକ ନୁହେଁ । ମାଲିକର ଗୋଟିଏ ପଇସାର ନୁକସାନ ସେ କରିବନାହିଁ । ଲଂଗ ରୁଟ୍ ବସ୍ ବୋଲି ବେସି ଭାଉ ତା'ର । ହେଲେ କେବେ ଦିନେ ବି କୌଣସି ଅସୁବିଧା ହେଇନି । ପ୍ରତିଦିନ ଯିବା ଆସିବା କରୁଥିବା ଯାତ୍ରୀମାନେ ସବୁ ଜାଣିଥିଲେ କୁନାକୁ । ସମସ୍ତଙ୍କ ପ୍ରିୟ ଥିଲା ସେ ।

ଦଶହରାକୁ ମାଲିକ ଖୁସିରେ କୁନାକୁ ଡ୍ରେସ୍ ହଳେ ସାଥିରେ ହାତରେ ଦି ହଜାର ଟଙ୍କା ଦେଉଥିଲା । ଅନ୍ୟ ସବୁ କଣ୍ଡକ୍ଟରଙ୍କ ମାଲିକ ମାନେ କାହାକୁ ଶହେ, ଦୁଇ ଶହ ଦେଉଥିବା ବେଳେ, କୁନା ପାଉଥିଲା ଦି ହଜାର । ସବୁ ଜଳୁଥିଲେ, ତା'ଉପରେ । କେହି କେହି ଇର୍ଷ୍ୟା ବି କରୁଥିଲେ । ସେ କେବେ ଖାତିର କରେନି । ଘରେ ଅବସର ପ୍ରାପ୍ତ ପିତା, ପୁଅର କମାଇରେ ଖୁସ୍ ଥିଲେ । ଦିନେ ଦିନେ ସେ ବି ବସ୍‌ରେ ଆସନ୍ତି । କାରଣ ରାଜଧାନୀ ଯିବା ବାଟରେ ଡାବାରେ ବସ୍ ଅଟକି ଯାଏ, ଯେଉଁଠି ବସ୍‌ର ଷ୍ଟାଫ୍ ଖାଆନ୍ତି, ଏହି ମୌକାରେ ବାପା ନିଜ ସ୍ୱାଦଖିଆ ଉପଭୋଗ କରିଛନ୍ତି ହଜାର ଥର । ଅବଶ୍ୟ ଆଜିକାଲି ଖାଲି ଚିଡି ଚିଡି ହେଉଛନ୍ତି ସିନା । ଦିନ ଥିଲା ସେ ଜଗି ବସୁଥିଲେ, କେତେବେଳେ କୁନା ଆସିବ, ବାଲୁଗାଁରୁ କଙ୍କଡା ଆଣିଥିବ, ଚିଙ୍ଗୁଡି ଆଣିଥିବ, ଇତ୍ୟାଦି ପାଇଁ ।

ସବୁଦିନ ସମାନ ଯାଏନି । ଭଲରେ ଭଲରେ କାମ କରୁଥିବା କୁନାକୁ କାହାର ଦୃଷ୍ଟି ଲାଗିଗଲା ବୋଧହୁଏ । ସେଦିନ ରାଜଧାନୀରେ ହେଉଥିଲା ରାଜନୈତିକ ଜନସମାଗମ । ମନା କରିବା ସତ୍ତ୍ୱେ ବସ୍‌ଷ୍ଟାଣ୍ଡର ସବୁ ଗାଡିକୁ ରାଜଧାନୀ ଯିବାପାଇଁ ବାଧ୍ୟ କରାଗଲା । ଗୋଟିଏ ରାଜନୈତିକ ଦଳର ସୂକ୍ଷ୍ମ ନେତା କେଇଜଣ ଆସି ଧମକାଇ ଚାଲିଗଲେ । ସବୁ ଚିନ୍ତାରେ ପଡିଗଲେ । କିନ୍ତୁ କୁନା ଅଛି, ସେ ସବୁ ଠିକ କରିଦେବ । ଯୁଆନ୍ ରକ୍ତ, ଯାହା ଚାହିଁବ ସବୁ କରିଦେଇ ପାରିବ । ଏୟା ଭାବି ବସ୍ ମାଲିକ ମାନେ କୁନାକୁ ଡକାଇ ସବୁକଥା କହିଲେ । କୁନା ବି ବାହରି ପଡିଲା । ସେଦିନ ବସ୍‌ଷ୍ଟାଣ୍ଡକୁ ସନ୍ଧ୍ୟାରେ ଆସିଥିଲେ କିଛି ଗୁଣ୍ଡା, ସବୁକୁ ଉତ୍ତମ ମଧ୍ୟମ ଦେଇ ବୁଝାଇଦେଲା ବସ୍ ମାଲିକ ମାନଙ୍କ ଏକତା ବିଷୟରେ । ଯା'ହେଉ ଆଉ ରାଜଧାନୀ ଯିବାକୁ ପଡିଲା ନାହିଁ । କଥାଟା କେମିତି କେମିତି ସମାଧାନ ହେଇଗଲା । ବୋଧହୁଏ ରାଜନୈତିକ ଉତ୍ତାପ ରାଜଧାନୀରେ

ଡ କ୍ୟୋତି ପ୍ରସାଦ ପଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରକାଶିତ

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

2nd Year, 12th Issue
January, 2008
ଦ୍ୱିତୀୟ ବର୍ଷ, ଦ୍ୱାଦଶ ସଂଖ୍ୟା
ଜାନୁଆରି, ୨୦୦୮

ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା



ରହିଥିବାରୁ ବ୍ରହ୍ମପୁର ବସ୍‌ଷ୍ଟାଣ୍ଡରେ କୌଣସି ଫରକ ପଡିଲା ନାହିଁ।

ଦିନ ପନ୍ଦର ଗଲାପରେ, ପୁଣି ଥରେ ବସ୍‌ଷ୍ଟାଣ୍ଡରେ ଉତ୍ତାପ ସୃଷ୍ଟିହେଲା। ରାଜନୈତିକ ଗୁଣ୍ଡାମାନେ ବାରମ୍ବାର ଆସି ଅନ୍ୟ ବସ୍ ବାଲାଙ୍କୁ ଧମକାଇବାକୁ ଲାଗିଲେ। କଥା କୁନା କାନକୁ ଗଲା। ସେ ସବୁ ସମାଧାନ କରିବା ପାଇଁ ଆଗକୁ ଆସିଲେ କେହି ଆଗକୁ ଆସୁନଥିଲେ। ଗୁଣ୍ଡାମାନେ ଠିକ୍ କୁନା ନଥିବା ସମୟରେ ହିଁ ଆସି ଉତ୍ପାତ କରୁଥିଲେ। ଦିନେ ଦୁର୍ଭାଗ୍ୟକୁ କୁନା ହାବୁଡରେ ପଡିଯାଇଥିଲେ ସେମାନେ। ସେମାନଙ୍କ ଭିତରେ ଠେଲାପେଲା ହେଉଥିବା ସମୟରେ କେହିଜଣେ ହାତ ବୋମାଟିଏ ବାହାର କରି ଫୋପାଡି ଦେଇଥିଲା, ଗୋଟିଏ ବସ ଉପରକୁ। ସେଇ ହାତ ବୋମାକୁ ସେଇଠୁ ଉଠେଇ ବାହରକୁ ଫୋପାଡିବା ସମୟରେ ହାତରେ ହିଁ ବୋମାଟି ଫୁଟି ଯାଇଥିଲା କୁନାର। ଦେଡ ମାସ ହସ୍‌ପିଟାଲ୍‌ରେ ପଡିବା ପରେ ସେ ଠିକ୍ ହୋଇ ଆସିଲା ସିନା, କାନକୁ ଆଉ କିଛି ଶୁଭିଲା ନାହିଁ କି ମୁହଁ ଖୋଲି କିଛି କହିପାରିଲା ନାହିଁ। ବାସ୍ ତା କାର୍ଯ୍ୟକାଳ ସମାପ୍ତ ହୋଇଯାଇଥିଲା।

ହେଲେ ବସ୍‌ଷ୍ଟାଣ୍ଡ ମୋହ ସେ ତ୍ୟାଗ କରିପାରିଲା ନାହିଁ। ଧିରେ ଧିରେ ସେ ପୁଣିଥରେ ବସ୍‌ଷ୍ଟାଣ୍ଡକୁ ଆସିବା ଆରମ୍ଭ କଲା କାମ କରିବା ପାଇଁ, କିନ୍ତୁ କେହି କାମ ଦେଲେନି ସତ ମାତ୍ର ଦୈନିକ କିଛି କିଛି ସାହାଯ୍ୟ ଦେବାକୁ ନିଷ୍ପତ୍ତି କରିଦେଲେ। କାରଣ କୁନାପାଇଁ ବୋଲି ସେଦିନ ବସ୍‌ଷ୍ଟାଣ୍ଡରେ ଅଘଟଣା ଟିଏ ଘଟୁ ଘଟୁ ରହିଯାଇଥିଲା, ନହେଲେ କେତେ ବସ୍ ଯେ ଜଳି ଯାଇ ଥାଆନ୍ତା କିଏ କହିବ। ରାତି ହେବାକୁ ଆସିଲାଣି। ଆଜି କୁନା ମେଳାଘରକୁ ଯାଇନି ଭଜନା ଗାଇବାକୁ। ଖାଇବାପାଇଁ ବୋଉ ଡାକ ପକାଇବା ପରେ ସେ ଯାଇ ଖାଇବା ସମୟରେ ବାପାଙ୍କ ରାଗ ପୁଣିଥରେ ବାହାରି ପଡିଲା। ଅବଶ୍ୟ ସେ କିଛି କହିପାରୁ ନଥିଲା, ମାତ୍ର ନିଜ ଆଖିରେ ସେ ବିରୋଧର ସ୍ୱର ସ୍ପଷ୍ଟ ଜଣାଇ ଦେଉଥିଲା।

ବିବାହ ପ୍ରସ୍ତାବ ଆଗରୁ ଯାହା ବି ଆସୁଥିଲା ବସ୍ କଣ୍ଡକ୍ଟର ବୋଲି ଫେରିଯାଇଥିଲେ, ଏବେ ଆଉ କେହି ଆସିଲେ ନାହିଁ। ମୂକ ବଧିର ଗୋଟେ ଅପଙ୍ଗ ଲୋକକୁ କିଏ ବା କାହିଁକି ଝିଅ ଦିଅନ୍ତା ସତେ।

ରାତିରେ ସେ ଖାତ ଧରି ଡିବିରି ଜାଳି ପୁଣିଥରେ ହିସାବ କରି ବସିଲା। ମନକୁ ମନ କଣ ସବୁ ହିସାବ କଲା। କାଛରେ ଥିବା ଥାକରେ ଦି'ଟା ପୁରୁଣା ଅମୁଲ୍ ଡବାରେ ଯାହା ଟଙ୍କାଥିଲା, ତାହା ସବୁ ଗଣିଲା। ତକିଆ ତଳେ ରଖିଥିବା ନିଜର ପାସ୍‌ବୁକ ଖୋଲି ଦେଖିଲା ସେ କେତେ ଟଙ୍କା ସଞ୍ଚୟ କରିଛି। ବର୍ଷକରୁ ସାମାନ୍ୟ ଅଧିକ ସମୟ ହୋଇଗଲାଣି, ଟଙ୍କା ମିଳିବାର। ସକାଳ ପାହୁ ପାହୁ କାଗଜ ଗୋଟିଏରେ ଲେଖିଦେଇ ବାପାଙ୍କ ଆଗରେ ଧରିଲା। ବାପା ତା'ର ଆଁ କରି ଅନାଇ ରହିଥିଲେ। ଦେଖୁ ଦେଖୁ କୁନାର ଶରୀରଟା ଧମ୍ କରି ତଳେ ପଡିଗଲା। ରାତିରେ ହିଁ ସେ ନିଷ୍ପତ୍ତି କରି ଦେଇଥିଲା। ବାପାବୋଉ ପାଇଁ ପାଖାପାଖି ପଚାଶ ହଜାର ଟଙ୍କା ଛାଡିଦେଇ ସେ ବିଷ ଖାଇ ସାରିଥିଲା। ହସ୍‌ପିଟାଲ୍ ନେବା ବାଟରେ ହିଁ ସେ ଇହଧାମ ତ୍ୟାଗ କରିସାରିଥିଲା।

ଆଜି ବସ୍‌ଷ୍ଟାଣ୍ଡରେ ପୁଣି ଥରେ ନିରବତା। କୌଣସି ବସ ଚାଲୁନଥିଲା। ଯାତ୍ରୀ ସବୁ ପଚାରୁଥିଲେ, କାହିଁକି ବସ୍ ଚାଲୁନି, ସବୁ ବସ୍ ବାଲା କୁନାଘରେ ବସିଥିଲେ। ନିରବରେ ପ୍ରାର୍ଥନା କରିବା ପାଇଁ।




ଡ ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରକାଶିତ

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

2nd Year, 12th Issue
January, 2008
ଦ୍ୱିତୀୟ ବର୍ଷ, ଦ୍ୱାଦଶ ସଂଖ୍ୟା
ଜାନୁଆରି, ୨୦୦୮

ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତି୍ୟକ ଇ-ପତ୍ରିକା



# ନବବର୍ଷ

ଯୌବନର କୂଳ ଲଙ୍ଘି
ଉତ୍ସାହର ଢେଉ,
ପିଟି ହେଉଛି ବାଲୁକା ଶଯ୍ୟାରେ
ଅଦୂରରେ ଦିଶୁଛି ଛାଇ
ବିତି ଯାଉଥିବା କ୍ଲାନ୍ତ ସୂର୍ଯ୍ୟର
କାନ୍ଧରେ ପକାଇ ଜାଲ
ପଥଫେରି ଯାଉଛି କୈବର୍ତ୍ତ
ପୁଣିଥରେ ହେଉଛି ରଜନୀ
ଢେଉର ଅସହ୍ୟ ନାଦ
କାକର ବିନ୍ଦୁରେ ପୁଣି ହେବ
ତା'ର ମଥାରେ ସଜେଇ,
ନବବଧୂ ଆସିବ ମଥା ନୋଇଁ
ସମସ୍ତଙ୍କୁ ଚମକାଇ ଦେଇ,
ଦୁଆର ପାଖରେ ଛିଡା
ଚିହ୍ନା ଚିହ୍ନା ଅନେକ ଚେହେରା
ହାତେ ଧରି ଅଗଣିତ
ପୁଷ୍ପର ସମ୍ଭାର,
କରିବାକୁ ସ୍ୱାଗତ,
ନବବର୍ଷର ଶୁଭ ସକାଳକୁ




# ଆମ ସଭ୍ୟତା ଆମ ସଂସ୍କୃତି

(ଧାରାବାହିକ କାହାଣୀ)

ସୁକାନ୍ତି ସକାଳୁ ସକାଳୁ ଉଠି ପାଣି ଆଣିବାପାଇଁ ଘରଠୁ କିଛି ଦୂରରେ ଥିବା ପାଇପ୍ ପାଖକୁ ଗଲା । ସକାଳ ପାଞ୍ଚଟା ହେଇଥିବ ବୋଧହୁଏ । ପାଇପ୍ ସାମନାରେ ମାତ୍ର ଦୁଇତିନୋଟି ଗରାମାଠିଆ ଥୁଆ ହୋଇଥିଲା । ସେ ବି ନିଜ ପାଣି ମାଠିଆ ଭରିକରି ଘରକୁ ଚାଲିଆସିଲା । ସକାଳ ଛଅଟାରେ ରବି କାମକୁ ଯାଏ । ବଡ ଅଫିସରେ କାମ କରୁଚି ସେ । ଗାଁରେ ବାପାମା' ବାଧ୍ୟ କରି ବାହା କରିଦେଲେ, ହେଲେ ରବି ଚାହୁଁନଥିଲା । କହିଲା ମୋ ଦରମା କେତେ ଯେ ଆଉ ଗୋଟେ ପ୍ରାଣୀକୁ ପୋଷିବି । ବାପା କହିଲେ, 'ପଇସା ନ ଅଣ୍ଟିଲେ ମୋତେ କହିବୁ, ପେନ୍ସନ୍ ଟଙ୍କାରୁ ବାହାର କରି ପଠେଇ ଦେବି ।' ସେ ଯା'ହେଉ ରବି ସବୁ ବାପାବୋଉ ଉପରେ ଛାଡି ଦେଇଥିଲା ।

ସୁକାନ୍ତି ଚକ୍ରଧରପୁର ଝିଅ । ଲୋକେ କହନ୍ତି କାଳେ ଚକ୍ରଧରପୁର ଝିଅ, ଭାରି ଭଲ । ସିଆଣିଆ ଯେମିତି ଘରଗୃହସ୍ଥକୁ ସେମିତି । ବାସ ବାପା କହିଲେ ଛୁଟି ନେଇ ଆ, ବାହା ହେଇ ଯା । ପିତୃଭକ୍ତ ରବି ନାରାୟଣ, ଅଗତ୍ୟା ବିବାହ ବନ୍ଧନରେ ବାନ୍ଧି ହୋଇଗଲା । ଗାଁରେ ଛାଡି ଦେଇ ଆସିଥିଲା, ସୁକାନ୍ତିକୁ । କହିଲା ବାପା ବୋଉଙ୍କ ସେବାକର । ହେଲେ ବାପା ରାଜି ହେଲେନି, କାଲି ସଞ୍ଜରେ ଆଣି ଛାଡିଦେଇ ଗଲେ । ଭାରି ପାରିବାର ଝିଅଟେ । ମାନିବାକୁ ପଡିବ । ଘରେ ପଶୁ ନ ପଶୁଣୁ, କୋଉଠିକି କଣ ଜରୁରୀ ସବୁ ଠିକ୍ କରିଦେଲା । ପାଣି କୋଉଠୁ ଆସିବ, ରୋଷେଇ ସାମାନ କଣ ଅଛି କଣ ନାହିଁ, ସବୁ ଝାଡିଝୁଡି ଠିକ୍‌ଠାକ୍ କରିଦେଲା । ରବି ଘରକୁ ଆସିଲା ବେଳକୁ ପୁରା ଘରର ନକ୍ସା ବଦଳି ଯାଇଛି । ରାତିରେ ଦି ଗୁଣ୍ଡା ଭାତ ସାଥିରେ ମୁଠାଏ ଝୁଡଙ୍ଗ ଭଜା, ଆଉ ଗାଁରୁ ବୋଉ ପଠେଇଥିବା

ଡ ଜ୍ୟୋତି ପ୍ରସାଦ ପଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରକାଶିତ



2nd Year, 12th Issue
January, 2008
ଦ୍ୱିତୀୟ ବର୍ଷ, ଦ୍ୱାଦଶ ସଂଖ୍ୟା
ଜାନୁଆରି, ୨୦୦୮
ଆହ୍ୱାନ
ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ସାରୁ ଚାଉଳବଟା ଦେଇ ଭଜା, ସାଙ୍ଗକୁ ଆଳୁ କୋବିର ଝୋଳ ଖାଇବାକୁ ମିଳିଲା ପରେ ରବିକୁ ଲାଗିଲା ଜୀବନ ଧନ୍ୟ ହେଇଗଲା। ଏଇ ଘରେ ସେ ସାତ ବର୍ଷ ହେଲା ରହିଥିଲା, ହେଲେ କେବେ ଏତେ ଜିନିଷ ସେ ରୋଷେଇ କରିନି, କି ଏତେ ସୁଆଦିଆ ବି କରିନି। ଯା'ହେଉ, ରାତିରେ ଥକି ପଡିଥିବା ସତ୍ତ୍ୱେ ସୁକାନ୍ତି ସହ କଥା ହେଲାବେଳେ କହିଥିଲା, ପାଣି କୋଉଠୁ ଆସେ, ପରିବା ଦୁଆର ମୁହଁରୁ କେମିତି କିଣେ, ଇତ୍ୟାଦି ଇତ୍ୟାଦି।

ଆଜି ନିଦ ଭାଙ୍ଗୁନଥିଲା। ରାତିର ଆକଣ୍ଠ ଗ୍ରାସ କରିଥିବା ଖାଦ୍ୟ ବର୍ତ୍ତମାନ ସୁଦ୍ଧା ତା ପାଟିରେ ସ୍ୱାଦଗ୍ରନ୍ଥିକୁ ଓଦା କରି ରଖିଥିଲେ। ହାତଘଣ୍ଟାକୁ ଦେଖି ଚମକି ପଡିଲା, ସକାଳ ନଅଟା ହେଲାଣି। ଆଉ ଘଣ୍ଟାକରେ ସେ ଅଫିସରେ ପହଞ୍ଚିବା କଥା। ଆଉ ହେବନି। କଣ କରିବ। ଅଫିସ ଚାବି ତା' ପକେଟରେ ରହିଯାଇଛି। ସେ ତରତର ହେଇ ଶଯ୍ୟା ଛାଡି ଉଠି ଗାଧୋଇବାପାଇଁ ବାହାରିଗଲା। ଫେରି ଦେଖିଲା, ଚଟାଣ ଉପରେ ବିଛଣା ପକାଇ ସୁକାନ୍ତି ପରଟା ଆଉ ଆଳୁ ଭଜା ବାଡିଦେଇ ଅନେଇ ବସିଚି। ରବି ମୁଣ୍ଡକୁ ତଉଲିଆରେ ପୋଛି ଦେଉ ଦେଉ କହିଲା। ଆଉ ସମୟ ହେବନି, ତୁମେ ଖାଇପକାଅ। ମୋର ଅଫିସ ବେଳ ହେଇଗଲାଣି। ସୁକାନ୍ତି ମୁହଁରେ କାନି ଦେଇ ସାମାନ୍ୟ ହସିଦେଇ କହିଲା, 'ରବିବାରରେ ବି ଅଫିସ୍ ଯାଅ କି ତୁମେ?' ସେତେବେଳେ ହଠାତ୍ ରବିର ମନେ ପଡିଲା ଆଜି ରବିବାର। ଫେଁ କରି ହସିଦେଇ କହିଲା, ଏକା ମଣିଷ ଥିଲି ତ ଦିନକାଳ କିଛି ଠିକ୍ ଠିକଣା ନଥିଲା। ଓଦା ମୁଣ୍ଡରେ ହିଁ ସେ ତଳେ ବସିପଡିଲା। ପରଟାର ବାସନା ତା ପେଟକୁ ଖାଲି କରି ପକାଇଥିଲା। ଦୁଇ ତିନି ଖଣ୍ଡ ନିଜ ପାଟିରେ ଦେଉ ଦେଉ ହଠାତ୍ ଛୋଟ ଖଣ୍ଡ ଟିଏ ସେ ସୁକାନ୍ତି ପାଟି ପାଖକୁ ବଢାଇଦେଲା। ସୁକାନ୍ତି ଲାଜରେ କାନି ମୁହଁରେ ଦେଇ କହିଲା, 'ଇସ୍ କିଏ ଦେଖିଲ କ'ଣ କହିବ?'

ରବି ସାମାନ୍ୟ ହସି ଦେଇ କହିଲା, 'ଇୟେ କ'ଣ ଆମ ନା ତୁମ ଗାଁ ହେଇଛି? ଏଇଟା ପରା ସହର। ଏଇଠି କିଏ କଣ କଲା କଣ ନ କଲା, ସେ କଥା ବୁଝିବା ପାଇଁ କାହା ପାଖରେ ସମୟ ନାହିଁ। ଏ ଘର କଥା ସେ ଘରେ ହୁଏନି।' ସୁକାନ୍ତି ଖାଲି ଆଁ କରି ସବୁ କଥା ଶୁଣୁଥିଲା। ରବି ତା ପାଟିରେ ପରଟା ଟିଏ ଠୁସିଦେଲା। ସୁକାନ୍ତି ଲାଜରେ ଉଠି ସେଠୁ ପଳାଇଗଲା। ରବି ବି ଅଳସୁଆ ହୋଇପଡିଲା। ଛୁଟି ଦିନଟାଏ ମିଳିଲେ ସେ ଦିନ ତମାମ୍ ଶୁଏ। ଖାଇବା ସାରି ସେ ଶୋଇଗଲା। ଦିପହର ବେଳକୁ ସୁକାନ୍ତି ଆସି ଉଠେଇବା ପରେ ନିଦ ଭାଙ୍ଗିଲା। ଭାତଡାଲି ସହିତ ଘାଣ୍ଟ ତରକାରୀ, ଖାଇବା ପରେ ରବି ଉଠି ପାରିଲା ନାହିଁ, ଥଟା କରି କହିଲା, 'ତମେ ଯଦି ଏମିତି ସବୁବେଳେ ସୁଆଦିଆ କରି ମୋତେ ଖୁଆଇବ, ମୋ ପେଟଟା ପୁଡୁଗ ଭଳିଆ ହେଇଯିବ। ଆଉ କାମଧାମ କିଛି ହେବନି, ସରକାର ବାହାଦୁର ଚାକିରୀରୁ ବିଦା କରିଦେବେ।'

ଖାଇବା ପରେ ରବି କହିଲା, ସୁକାନ୍ତିକୁ, 'ଚାଲ ଟିକେ ସହର ବୁଲି ଆସିବା।' ସୁକାନ୍ତି ଚାହୁଁଥିଲା ଯିବାପାଇଁ। ସାଙ୍ଗେ ସାଙ୍ଗେ ସଜ ହୋଇଗଲା। ଘରୁ ଦଂପତି ବାହାରିଲା ବେଳକୁ ପଡିଶାଘରୁ ଦାଶଘର ବୁଢୀ କହିଲା, 'ଝିଅଲୋ ବଜାର ଯାଉଚୁ? ଯା' ଦେଖିବୁ କେତେ ଯାତରା ନାଗିଚି, ଯା।' ସୁକାନ୍ତି ଦୂରରୁ ହିଁ ମୁଣ୍ଡିଆଟେ ମାରିଦେଇ ଆଗକୁ ବଢିଲା, ବେଳକୁ କୌତୁକରେ ଚାହିଁ ରହିଥିଲା ରବି। ସୁକାନ୍ତି କହିଲା, 'ଆଜି ସକାଳେ ପାଣି ଆଣିବାପାଇଁ ଗଲାବେଳକୁ ମାଉସୀଟା ପାଣି ଟେକି ପାରୁନଥିଲା ତ, ଦି ଗରା ପାଣି ତା'ଙ୍କ ଘରେ ଦେଇ ଆସିଥିଲି। ସେଇଠୁ ଝିଅ ବୋଲି କହୁଛନ୍ତି।' ରବି ହସିବ ନା କିଛି କହିବ ଭାବି ପାରିଲା ନାହିଁ। କହିଲା, 'ଧନ୍ୟ ତୁମେ। ହଇ ହେ ଏଇଟା ସହର। ଏଇଠି କେହି କାହାର ଭଲ ଗୁଣ ଦେଖିଲେ ପ୍ରଶଂସା କରନ୍ତି ନାହିଁ। କାଲିଠୁ ତୁମେ ନିଜ କାମ କର। ଅନ୍ୟକୁ ସାହାଯ୍ୟ କରିବା ଦରକାର ନାହିଁ।' ସୁକାନ୍ତି ଚିଡି ଯାଇ କହିଲା, 'ଯା'ମ, କହିଲେ କଣ ନା ନିଜକାମ ନିଜେ କର। ଅଶି ବର୍ଷର ବୁଢୀଟା ପାଣି ନେଉଥିବ, ଆଉ ମୁଁ



2nd Year, 12th Issue
January, 2008
ଦ୍ୱିତୀୟ ବର୍ଷ, ଦ୍ୱାଦଶ ସଂଖ୍ୟା
ଜାନୁଆରି, ୨୦୦୮
ଆହ୍ୱାନ
ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଦେଖୁଥିବି? ମୋତେ ଧର୍ମ ସହିବ?' ରବି କହିଲା, 'ତା' ଘରେ ଦି ଦିଟା ବୋହୁ ଅଛନ୍ତି, ସେମାନେ ଆଣିବେ। ତୁମେ କଷ୍ଟ କରିବା ଜରୁରୀ କି?' ସୁକାନ୍ତି ଚୁପ୍ ହୋଇଗଲା।

ପୁରା ସଞ୍ଜଟା ସେମାନେ ପାର୍କରେ ବୁଲିଲେ। ବଜାରରେ ପ୍ରକାର ପ୍ରକାରର ଖଜାମିଠା ବିକ୍ରି ହେଉଥିବା ଦେଖି, ରବି ସୁକାନ୍ତିକୁ ସବୁ ଖୁଆଇବାକୁ ଲାଗିଲା, ହେଲେ ସୁକାନ୍ତି ପାଟିକୁ କିଛି ରୁଚିଲା ନାହିଁ। ହସିଦେଇ ରବି କହିଲା, 'ତୁମେ ଗାଉଁଲି ଝିଅ, ତୁମକୁ ଏ ସବୁ ଭଲ ଲାଗିବନି।' କଥାଟା ନିଶ୍ଚୟ ବାଧିଲା କିନ୍ତୁ, ସ୍ୱାମୀଙ୍କୁ ଦେବତା ମାନୁଥିବା ସୁକାନ୍ତି ମୁଣ୍ଡ ଟୁଙ୍ଗାରି ହଁ ଭରିଦେଲା ସତ, ମନେ ମନେ ନିଶ୍ଚୟ କଲା, ଯେ ସେ ଏହାଠାରୁ ଅଧିକ ସୁଆଦିଆ ଖାଦ୍ୟ ସବୁ ରୋଷେଇ କରି ଘରେ ଖୋଇବ ଯେ ରବି ସହରୀ ଖାଦ୍ୟ ସବୁ ଭୁଲିଯିବ। ହୋଟେଲ୍‌ର ଅଳ୍ପ ଆଲୁଅରେ ଟେବୁଲ୍ ଉପରେ ବସି ରୁଟି ଆଉ ଚଣା ତରକାରୀ ଖାଇବା ପାଇଁ ବାଧ୍ୟ ହେଇଥିଲା ସୁକାନ୍ତି। ମନେ ମନେ କହୁଥିଲା, 'ଖାଲିଟାରେ ଏତେ ପଇସା ଖର୍ଚ୍ଚ କରୁଛ କାହିଁକି? ଘରକୁ ଯାଇଥିଲେ, ଦି ମୁଠା ଭାତ ଆଉ ଭଜାଟିକେ କଲେ କେଡେ ଶାନ୍ତିରେ ଖାଇଥାଆନ୍ତ।' ହେଲେ କହିବ କେମିତି? ତେଣୁ ଚୁପ୍‌ଚାପ୍ ସେ ଖାଇବା ସାରିଲା।

ଘରକୁ ଫେରୁ ଫେରୁ ରାତି ନଅଟା ହେଲାଣି। ବାହାରେ ଶୀତ ହେଉଥିଲା। ମାତ୍ର ଦି ପ୍ରାଣୀ କନାଖଣ୍ଡେ ହେଲେ ଗୁଡେଇ ନହେଇ ଘରକୁ ଆସିବା ଦେଖି ଦାସ ଘର ବୁଢୀ କହିଲା, 'ଝିଅ ଆଇଲୁ କିଲୋ ମା'। ଆଉ କିସ ଖାଇଚୁ ନା ଏବେ ଚୁଲି ଲଗେଇବୁ? ଏ'ମାଁ ଶୀତକାକରଟାରେ ଝିଅଟାକୁ ଏତେ ରାତିଯାଏଁ କୁଆଡେ ନେଇଥିଲୁରେ ପୁଅ।' ବୁଢୀର କଥାର ଜବାବ ନ ଦେଇ ରବି ଘରକୁ ଫେରିଆସିଲା, ଆଉ ପଛେ ପଛେ ସୁକାନ୍ତି। ସକାଳ ପାହିଲେ ଅଫିସ ଅଛି। ରବି ତରତର ହେଲା ଶୋଇବାପାଇଁ। ଲାଇଟ୍ କୁ ଲିଭେଇ ଦେଇ ଶୋଇବାକୁ ଗଲା ବେଳକୁ ସୁକାନ୍ତି, ମୁହଁ ଫୁଲେଇ ବସିଥିଲା। କିଛି ବୁଝିପାରିଲା ନାହିଁ ରବି। କଥା କ'ଣ ବୁଝିବାପାଇଁ ସେ ପ୍ରଶ୍ନକଲାପରେ ସୁକାନ୍ତି କହିଲା, 'ଏ ସହର ମୋତେ ଭଲ ଲାଗୁନି। ମୋତେ ନେଇ ଗାଁରେ ଛାଡି ଦେଇ ଆସ।' ସଞ୍ଜସାରା ଏତେ ସବୁ ମଜାଳିଆ ଜିନିଷ ଦେଖି ଖୁସିରେ ଘରକୁ ଫେରିଥିବା ଲୋକଟା ହଠାତ୍ କାହିଁକି ଏମିତି କହିଲା, ରବି ବୁଝିପାରିଲା ନାହିଁ। ଅଧିକ ଖୋଳତାଡ କଲାପରେ ଜଣା ପଡିଲା, ଯେ ପଡିଶା ଦାସଘର ବୁଢୀକୁ ସେ କିଛି ନ କହିବା ଯୋଗୁଁ ତା ଆତ୍ମା ତା'କୁ ବାଧୁଚି, ତେଣୁ ସେ ଆଉ ସହରରେ ରହିବନି ବୋଲି ନିଷ୍ପତ୍ତି ନେଇଚି। ରବି ହସିଲା ଆଉ କହିଲା, 'ହଉ ଯାଅ, ସକାଳ ହେଲେ ଯିବ ଆଉ ଦାସଘର ବୁଢୀକୁ ଆଜି ଯାହା ଯାହ କଲ ସବୁ କହିବ। ମାତ୍ର ଦେଖିକି ତା'ର ଦି'ଟା ବୋହୁ ଅଛନ୍ତି। ଭାରୀ କଳିହୁଡି ଦି'ଟା।'

ସୁକାନ୍ତିର ମୁହଁ ଉଜ୍ଜଳ ହୋଇପଡିଲା। ସେ ହସିଦେଇ କହିଲା। 'ଏଇଟା ସହର ହେଉ କି ବିଦେଶ ହେଉ, ମୁଁ ସବୁବେଳେ ଏମିତି ହିଁ ରହିବି। ଯଦି ଭଲ କଲେ ଲୋକ ଭେଲ କହୁଚନ୍ତି, କୁହନ୍ତୁ, ମୋର ଯାଏ ଆସେ କ'ଣ?' ରବି ତା' ମୁହଁକୁ ଚାହିଁ ରହିଥିଲା। ସୁକାନ୍ତି ନିଜ ହାତକୁ ଦେଖି କ'ଣ ସବୁ ମନ୍ତ୍ର ଗୁଣୁଗୁଣୁ ହୋଇ ଶୋଇବାକୁ ଯାଉଥିଲା। ରବି ମନେ ପକାଉଥିଲା, କେମିତି ତା' ବୋଉ ବି ଶୋଇଲା ବେଳେ ନିଜ ହାତକୁ ଦେଖି ମନ୍ତ୍ର ପଢି ଶୋଉଥିଲା।

କ୍ରମଶଃ

Regional Editor of Aahwaan

Do you have the will power to work for us as freelancers and earn a decent income. Become our regional Editor and start being important.

Apply Now...

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି



2nd Year, 12th Issue
January, 2008
ଦ୍ୱିତୀୟ ବର୍ଷ, ଦ୍ୱାଦଶ ସଂଖ୍ୟା
ଜାନୁଆରି, ୨୦୦୮

ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

# ଭାଗ୍ୟ

ସଞ୍ଜୟ୍ ହସୁଥିଲା, ଅନବରତ ହସୁଥିଲା। କେହି ତା'କୁ କାନ୍ଦିବାର କେବେ ଦେଖିନାହାନ୍ତି। ରାତି ପାହିଲାଠୁ ଆରମ୍ଭ କରି ଜହ୍ନ ଉଇଁଲା ପର୍ଯ୍ୟନ୍ତ ସେ ଖାଲି ହସେ। ଦୁନିଆରେ ଯେତେ ଯାହା ଘଟଣା ଘଟୁପଛେ, ସବୁ ପଛରେ ସଞ୍ଜୟ୍‌କୁ କେବଳ ସାମାନ୍ୟ ହସଟିଏ ମିଳେ। ବାପାଙ୍କ ଶିକ୍ଷକତାର ଜୀବନକାଳରେ ଯାହା ଅର୍ଜିଥିଲେ, ତିନି ତିନି ଝିଅଙ୍କୁ ପରଘରକୁ ବିଦା କରିବାରେ ସାରିଦେଲେ। ସେ ଯା'ହେଉ କେହି ଜଣେ ବଡଲୋକଙ୍କ ବଦାନ୍ୟତାରୁ ତା'ଙ୍କୁ ମାଲିକାନା ସତ୍ତ୍ୱରେ ମିଳିଥିଲା, ଭରଣେ ଜମି, ଯାହା ଅଦ୍ୟବଧି ବିକ୍ରି ହୋଇନଥିଲା। ଯାହା ପଡିଥିଲା ସଞ୍ଜୟ୍‌ର ଭାଗ୍ୟରେ। ଦିଓଳି ଖାଇବା ଅଭାବ ସତ୍ତ୍ୱେ ସଞ୍ଜୟ୍‌କୁ କେହି କେବେ ଭୋକିଲା ଥିଲା ଭଳି ଦେଖିନାହାନ୍ତି। ତା'ପାଇଁ ଦୁନିଆରେ ସମସ୍ତେ ସମାନ। ପାଟି ଥରେ ଖୋଲିଲେ ସେ ଗପିଚାଲେ ଅନବରତ। ଯାହା ଦେଲେ ଖୁସିରେ ଖାଇଯାଏ। କିଏ ଖଇ ଦେଲା, କିଏ ଚୁଡା, କିଏ ଭାତ ମୁଠେ ଦେଲା ତ କିଏ ପଣା ଗିଲାସେ, ସବୁ ଉଦରସ୍ଥ କରି ହସିଦିଏ ସେ। ବ୍ରାହ୍ମଣ ପିଲା। କାହାର ମନ୍ଦ ଚାହେଁନି। ସମସ୍ତଙ୍କୁ ଭଗବାନ ଭରସା ହୁଅନ୍ତୁ ବୋଲି କହିବୁଲେ।

କିନ୍ତୁ ସମସ୍ତେ ସମାନ ନାହାନ୍ତି।

ପାଠ ପଢା ତା ଭାଗ୍ୟରେ ନଥିଲା। ମାଟ୍ରିକ୍ ପଢୁଥିବା ସମୟ୍‌ରେ ବାପା ଚାକିରୀରୁ ଅବସର ନେଇଗଲେ। ଆଉ ତିନି ଝିଅ ବିଦା ହୋଇନଥିଲେ ବୋଲି ସେମାନଙ୍କୁ ବିଦା କରିବା ପାଇଁ ଅର୍ଥାଭାବ ହେବାପରେ ସେ ପାଠପୋଥି ସବୁ ବାନ୍ଧି ପକାଇଲା। ମାତ୍ର ଭାରି ପାରିବାର ପିଲା। ଏଇ କ୍ଷଣି ଏଇଠି ଥିବ ତ ଆର କ୍ଷଣି ଆଉ କୋଉଠି ଥିବ। ସବୁବେଳେ କାହାର କି କାମ କରିବି ତାହା ଚିନ୍ତା। ସକାଳୁ ପୋଖରୀ ତୁଠରୁ ଫେରିଲାପରେ ଘରୁ ବାହାରିବା ଯେ ଦୋପହର ବେଳକୁ ଘରକୁ ଫେରିବ। କୁଆଡେ ଯାଏ, କଣ କରେ, କେହି ପଚାରି ବୁଝିବାକୁ ନାହିଁ। ବାପା ଅନେକ ଦିନରୁ ରୋଗଗ୍ରସ୍ତ। ବୋଉ ତ ଆଜୀବନ ରୁଗ୍ଣ। ଭଉଣୀମାନେ ବାହାହୋଇ ଯିବାପରେ କେହି ବୁଲିକି ଦେଖିଲେନି, ବାପା ମା'ର କଣ ହେଲା। ସାନଭାଇଟା ଏକା ଏକା ଦି ପ୍ରାଣୀ କଥା କେମିତି ବୁଝୁଥିବ, ସେ କଥା କେହି ପଚାରିଲେନି।

ହଠାତ୍ ଥରେ ବାପାର ଦେହ ଖରାପ ହୋଇଥିଲା, କିନ୍ତୁ ଅର୍ଥାଭାବ ଯୋଗୁଁ ଭରଣେ ଜମି ବିକିବାକୁ ବାହାରିବା ଦେଖି ବାପା କହିଲେ, 'ମୁଁ ବୁଢା ହେଲିଣି, ଆଜି ନ ହେଲେ କାଲି, ମୁଁ ମରିଯିବି, ତୁ ସେ ଜମି ବିକେନା। ତୋତେ ବଡ ଲୋକଟିଏ କରିପାରିଲି ନାହିଁ। କିଛି ସୁଖ ଦେଇ ପାରିଲି ନାହିଁ।' ସେ ଯା'ହେଉ ଗରୀବ ଏତେ ସହଜରେ ଭାରମୁକ୍ତ ହୁଏନି, ବାପା ମଲେନି ମାତ୍ର ପଙ୍ଗୁ ହୋଇଗଲେ। ବୋଉ ବାପାଙ୍କୁ ସେବା କରି କରି ନିଜେ ରୁଗ୍ଣ ହୋଇଗଲା। ସଞ୍ଜୟ୍ ମୁଣ୍ଡରେ ବୋଝଥିଲା, ମାତ୍ର ସେ ହସୁଥିଲା।

ଲୋକେ କହନ୍ତି, ତା' ମୁହଁଟା କାଳେ ସେମିତି, ସବୁବେଳେ ହସିଲା ଭଳିଆ ଦେଖାଯାଏ। ବୟସ ଗଡିଲାଣି। ତା' ସାଙ୍ଗମାନେ ବାହାସାହା ହେଲେଣି। କିଏ କିଏ ଚାରି ଚାରି ପିଲାର ବାପା ହେଲେଣି। ହେଲେ ତାକୁ କିଏ ଝିଅ ଦେବ? ପାଠ ପଢିନି, କି ବେପାର ବଣିଜ କରୁନି। ଘରେ ଦି ଦିଟା ରୋଗୀ। ଯିଏ ନିଜ ଝିଅକୁ ଭଲ ପାଉନଥିବ ସେ ହିଁ ଏମିତି ଘରେ ଝିଅ ଦେବ। ନିତି ସଞ୍ଜବେଳେ ଦାଣ୍ଡ ଦୁଆରେ ବସି ସଞ୍ଜୁବାପା ଯିବା ଆସିବା ଲୋକଙ୍କୁ କହନ୍ତି, 'ମୋ ସଞ୍ଜୟ୍‌ଟା ପାଇଁ ଝୁଅଟେ ଦେଖି ଦିଅରେ। ମୁଁ କଣ ନାତି ଦେଖିବିନି?'

ସବୁଦିନ ସମାନ ନଥାଏ। ଦିନେ ସଞ୍ଜୟ୍‌ପାଇଁ ପ୍ରସ୍ତାବ ଆସିଲା। ସୁଦୂର ବ୍ରାହ୍ମଣ ଶାସନ ଗାଁର ଝିଅ ପୁଷ୍ପା। ବାପା ମାଁ ନାହାନ୍ତି। ମାମୁଁ ଘରେ ବଢ଼ିଛି। ଆଉ ପାଠଶାଠ କିଛି ପଢିନି। ସେ ଯା'ହେଉ ଆଉ ଲକ୍ଷ୍ମୀଜଗନ୍ନାଥ କରି ଜାତକ ନ ମିଶାଇ ଦି ଜଣଙ୍କ ବାହାଘର କରି ଦିଆଗଲା। ବାହା ହେବାବେଳେ ହାତରେ ପାଞ୍ଚହଜାର ଟଙ୍କା ଯୌତୁକ

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି



2nd Year, 12th Issue
January, 2008
ଦ୍ୱିତୀୟ ବର୍ଷ, ଦ୍ୱାଦଶ ସଂଖ୍ୟା
ଜାନୁଆରି, ୨୦୦୮

ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଦେଇଥିଲେ ଝିଅଘର। ବାହାଘର ସରିଲା ବେଳକୁ ପୁଷ୍ପା ନୂଆବୋହୁ ରାତିରେ ଲୁଚେଇ କରି ସଞ୍ଜୟ୍ ହାତରେ ସେଇ ପାଞ୍ଚହଜାର ଦେଲା। ସଞ୍ଜୟ୍ କହିଲା, 'ଥାଉ ନିଜ ପାଖରେ ରଖିଥାଅ। ଅତି ଦରକାର ହେଲେ ମାଗିବି।' ନୂଆବୋହୁଟି କିନ୍ତୁ ଖୁବ୍ ଭଲଥିଲା। କେଜାଣି କେମିତି ହେଲା, ଗରୀବଘର ହେଲେ ବି ଝିଅଟି ସମସ୍ତଙ୍କୁ ଆପଣାର କରିପକାଇଲା। ଅଳ୍ପଦିନରେ ଘରର ଭାଗ୍ୟ ବଦଳିଲା ଭଳି ଲାଗିଲା। ବାବାଜୀ ଭଳି ବୁଲୁଥିବା ସଞ୍ଜୟ୍ ଏବେ ଦାୟିତ୍ୱବାନ ହୋଇ ସାରିଥିଲା। ରାଜଧାନୀରେ କେଉଁ ଏକ ହୋଟେଲ୍‌ରେ ରୋଷେୟା ଭାବେ କାମ କଲା। ମାସକୁ ମାସ ଘରକୁ ଟଙ୍କା ପଠାଉଥିଲା।

କିଏ କେଜାଣି ସତ କହିଥିଲା, ବାହାହେବା ପରେ ଭାଗ୍ୟ ବଦଳିଯାଏ। ଆଉ ଘରଣୀ ଯଦି ଭଲ ମିଳେ, ତା'ହେଲେ ଭାଗ୍ୟ ନିଶ୍ଚୟ ବଦଳିଯାଏ। ଦି'ଟା ବର୍ଷ ବିତିଗଲାଣି। ବାପାବୋଉ ଏବେ ବି ବଞ୍ଚିଛନ୍ତି। ଘରେ ଦି ଓଳି ଚୁଲି ଜଳୁଛି। ବୋଉ ଖାଲି କହୁଛି, ପିଲାଟେ ଝିଲାଟେ ହେଲେ ଘରଟା ପୁରା ଲାଗନ୍ତା। ଘରକୁ ଆସିଥିଲା ସଞ୍ଜୟ୍। ନୂଆବର୍ଷପାଇଁ ଭାରୀ ବ୍ୟସ୍ତ ରହିବ ବୋଲି ଆଗରୁ ଦି ଦିନର ଛୁଟି ନେଇ ଆସିଥିଲା। ପୁଷ୍ପା ସଞ୍ଜୟ୍‌କୁ କହୁଥିଲା, ଏବେ ସହର ଛାଡ ଗାଁକୁ ଆସ, ଗାଁରେ ଛୋଟ ହୋଟଲଟିଏ କର। ଆମେ ଚାରିପ୍ରାଣୀ ଖୁସିରେ ଚଳିଯିବା। ସଞ୍ଜୟ୍ କହିଲା, 'ଜାଣିଛ, ହୋଟେଲ୍‌ଟେ କଲେ, ପାଞ୍ଚ ଦଶ ହଜାର ନଧରିଲେ ହେବନି।' ରାତିରେ ଶୋଇବାକୁ ଯାଉଥିଲା, ସଞ୍ଜୟ୍। ପୁଷ୍ପା ଆସି ହାତରେ ଦଶ ହଜାର ଟଙ୍କା ଦେଲା। ସଞ୍ଜୟ୍ ଆଶ୍ଚର୍ଯ୍ୟ ହୋଇ ଚାହୁଁଥିଲା। ପୁଷ୍ପା କହିଲା। ବାହାଘର ବେଳକୁ ମାମୁ ଯେଉଁ ପାଞ୍ଚହଜାର ଦେଇଥିଲେ, ଆଉ ତୁମେ ଯୋଉ ମାସକୁ ମାସ ଘରକୁ ପଇସା ପଠାଇଲ ସେଇଠୁ ଟିକେ ଟିକେ କରି ରଖିଚି।

କହିବା ଅନାବଶ୍ୟକ, ସଞ୍ଜୟ୍ ଏବେ ଗାଁରେ ହୋଟେଲ୍ ଖୋଲିଚି। ନିତି ନିତି ବାପାବୋଉକୁ ଖଜା ଖୁଆଉଚି। ଗୋଟେ ପୁଅ ହୋଇଛି। ଘରେ ଆଉ ଅଭାବ ନାହିଁ। ଜମିରେ ଚଷା ଲାଗିଚି, ଚାଉଳ ଟିକେ ବି ମିଳୁଚି।

# ଅତନୁର ନବବର୍ଷ

ସିପ୍ରା ସେଦିନ କହୁ କହୁ ହସିଦେଇ କହିଲା, ପିକ୍‌ନିକ୍ ପାଇଁ ଚିନ୍ତା କାହିଁକି କରୁଛ? ଅତନୁ ଅଛି ନା। ତା'ଙ୍କ ବାପାଙ୍କ ଗାଡି ଅଛି। ସେ ଚାହିଁଲେ ଆମକୁ ମାଗଣାରେ ଗାଡି ମିଳିଯିବ, ନହେଲେ ବି ଖାଲି ପେଟ୍ରୋଲ୍ ଖର୍ଚ୍ଚ କରିଦେବା। ସବୁ ସାଙ୍ଗଙ୍କ ମୁହଁ ଉଜ୍ଜଳ ହୋଇଉଠିଲା, ମାତ୍ର ଅତନୁର ମୁହଁ ମଉଳି ଗଲା। ରମେଶ କହିଲା, ଏଇ ଦେଖ ବ୍ୟବସାୟୀକୁ, ଏବେଠୁ କଞ୍ଜୁସ୍ ହେଲାଣି। ନିଜର ଗାଡିଥିଲେ ବି ସେ ମାଗଣାରେ ସାଙ୍ଗମାନଙ୍କୁ ନେବ ନାହିଁ। ସେ ସାମାନ୍ୟ ହସିଦେଲା। ମାତ୍ର ମନେ ମନେ ଭାବୁଥିଲା। ମୋର ଗାଡି ଥିଲେ ମୁଁ କଣ କରିଥାନ୍ତି, ସେ କଥା କରେ। ବର୍ତ୍ତମାନ ବାପାଙ୍କୁ ବୁଝେଇବ କିଏ। ସିପ୍ରା ଅତନୁ କାନ୍ଧରେ ମୁଣ୍ଡ ଦେଇ କହିଲା, 'ଅତନୁ ତୁମେ ଗାଡି ଆଣିବ ନା?' ଅତନୁ ଚୁପ୍ ହୋଇଗଲା।

ଦି ଦିନ ହେବ ସବୁ ସାଙ୍ଗ ମିଶି ପିକ୍‌ନିକ୍ କରିବାପାଇଁ ଯିବା ଯିବା କହି ଅତନୁର କାନକୁ ବଧିରା କରି ସାରିଲେଣି, ମାତ୍ର ଅତନୁ ମନରେ କାହିଁକି କେଜାଣି ଉତ୍ସାହ ପରିବର୍ତ୍ତେ କେବଳ ଭୟ ଆସୁଛି। ଯେତେ ଚେଷ୍ଟା କଲେ ବି ସେ ଖୁସି ହୋଇପାରୁନି। ସଞ୍ଜବେଳକୁ ଶେଯରେ ପଡି ପଡି ପିକ୍‌ନିକ୍ ଯିବାକଥା ଭାବୁଥିବା ବେଳେ କେମିତି ଆଖିଲାଗି ଗଲା ସେ ଜାଣିନି, ବୋଉ ଆସି ଉଠେଇଲା ବେଳକୁ ସାତେ ଆଠ ହେଲାଣି। ନିଜକୁ ନିଜେ ଧିକାରିଲା, ଆଜି ତ ପିକ୍‌ନିକ୍ ଯିବାପାଇଁ ଅନନ୍ତା ଚା'ଦୋକାନରେ ମିଟିଂ ବସିବାର ଥିଲା। ସେ କେମିତି ଶୋଇଗଲା। କାଲି ଗଲେ ସାଙ୍ଗମାନେ ପିଠିରେ ଗାତ ଖୋଳିଦେବେ। ସିପ୍ରା ତ ତା ସହିତ କଥା ହେବନି। ନିଦ ଉଠା ମୁହଁରେ ପାଣିଦେଇ ସଫାକଲା ବେଳକୁ ଅଭିର ଫୋନ୍ ଆସିଲା। ଯାହା ଦି ଅକ୍ଷରିରେ କହିଲା ତା'କୁ ବାଦ୍ ଦେଲେ କଥାଟା ଏତିକି ଯେ ନୂଆବର୍ଷ ଦିନ ପିକ୍‌ନିକ୍ ଯିବା



2nd Year, 12th Issue
January, 2008
ଦ୍ୱିତୀୟ ବର୍ଷ, ଦ୍ୱାଦଶ ସଂଖ୍ୟା
ଜାନୁଆରି, ୨୦୦୮
ଆହ୍ୱାନ
ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଠିକ୍ ହେଇଚି । ଆଉ ସମସ୍ତଙ୍କୁ ନେବା ଦ୍ୱାୟିତ୍ୱ ଅତନୁର । କାରଣ ତା' ବାପାଙ୍କର ଅଛି ଗୋଟିଏ ବଡ ବସ୍ । ସେ ଚାହିଁଲେ ବସଭଡା କମିଯିବ । ଅତନୁର ଦେହ ଥରି ଉଠିଲା ।

ଖାଇବା ଟେବୁଲ୍‌ରେ ବସିଥିବା ବେଳେ ବାପା ଡଳିଡଳି ଆସି ବସିଲେ । କିଏ କଣ କରୁଛି, ସେ ବିଷୟପ୍ରତି ସେ କେବେ ବି ସଚେତନ ନଥିଲେ । ତଥାପି ସାହସ କରି ବାପାଙ୍କୁ ସାଙ୍ଗ ମାନଙ୍କ ଯୋଜନା ବିଷୟରେ କହିବାକୁ ଉଦ୍ୟତ ହେଉଥିବା ବେଳେ ନିଶାସକ୍ତ ବାପାଙ୍କ ମୁଖରୁ କିଛି କଲେଜ ପଢୁଆ ଟୋକାଙ୍କ ବିଷୟରେ ବିଷାକ୍ତ ପଦ ସବୁ ଶୁଣି ସେ ଚୂପ୍ ହୋଇଗଲା । କଥାଥିଲା ଏତିକି ଯେ, କିଛି କଲେଜ୍ ପଢୁଆ ଟୋକା ବାପାଙ୍କୁ ଗାଡି ଭଡାରେ ଦେବା ପାଇଁ କହୁଥିଲେ, ମାତ୍ର ଟଙ୍କା କମ୍ ଦେବା କଥା କହିବାରୁ ଝଗଡା ହୋଇଗଲା । ସେ ଚୁପ୍ ହୋଇଗଲା କିନ୍ତୁ ସିପ୍ରାର ଚେହେରା ତା' ଆଖି ଆଗରେ ନାଚିଉଠିଲା । ସେ ପୁଣି ଚେଷ୍ଟା କରିଥାନ୍ତା, ମାତ୍ର ବାପା ସେଇ ଖାଇବା ଟେବୁଲ୍‌ରେ ହିଁ ଡଳିପଡିଲେ । ଯାହା ନିତିଦିନିଆ ଘଟଣା ହୋଇଗଲାଣି । ସେ ମନେ ରଖିନି କେବେଠୁ ଏହା ଆରମ୍ଭ ହେଲା । ମାତ୍ର ବାପା ପ୍ରତିଦିନ ସକାଳ ଚାରିଟାରେ ଘରୁ ବାହାରି ଯାଆନ୍ତି, ଆଉ ଘରକୁ ଫେରିବା ବେଳକୁ ରାତି ନ'ଟା ପର ।

ଆଉ ଦିନେ ଗଲେ, ବର୍ଷ ସରିଯିବ । ଅତନୁ ଆଖିରେ ନିଦ ନାହିଁ । ଯନ୍ତ୍ରପରି ମା'ଟି ଘରେ ଖାଲି ପିଲାଙ୍କୁ ଖାଇ ଖୁଆଇ ବଡ କରିବା କଥା ଜାଣିଛି ସିନା ସେମାନଙ୍କ ଅନ୍ୟ କୌଣସି ବିଷୟ ପ୍ରତି ଅଧିକ ସଚେତନ ନାହିଁ । ତଥାପି ବୋଉକୁ ସବୁ କଥା ଜଣାଇବା ପାଇଁ ଅତନୁ ନିଷ୍ଚୟ କରି ବୋଉପାଖକୁ ଯାଇଥିଲା । ମାତ୍ର ବୋଉ ସଦ୍ୟ ଶୋଇଥିଲା । ଅଧିକ ଭାରାକ୍ରାନ୍ତ ରାସ୍ତା ନିର୍ମାଣରେ ଆସୁଥିବା ବୁଲ୍‌ଡୋଜର ମେସିନ୍ ଯେମିତି ଅଚଳ ହୋଇ ପଡିଥାଏ, ସେମିତି ଦିଶୁଥିଲା ତା' ବୋଉ । ଅତନୁ ନିଜ ବଖରାକୁ ଫେରିଆସିଲା । କବାଟ ବନ୍ଦ କରି ନିଜ କଲେଜ୍ ଖାତାରେ ଲେଖି ବସିଲା ତା' କାହାଣୀ ।

ଚିଠିରେ ନିଜର ଅସହାୟତାକୁ ଲୁଚେଇବାକୁ ଯଥେଷ୍ଟ ଚେଷ୍ଟା କରିଥିଲା । କିନ୍ତୁ ପାରିନଥିଲା । ବାପାଙ୍କ ପାଇଁ ମନରେ ଥିବା ତିକ୍ତତାକୁ ସେ ଲେଖି ପକାଇଥିଲା, ଖାତାର ସଫେଦ ପୃଷ୍ଠାରେ । ଏହି ସମୟରେ ଅଭିର ଫୋନ୍ ଆସିଲା । ସେ କହୁଥିଲା, ଯେମିତି ହେଲେ ଗାଡିର ଯୋଗାଡ କରିଦେ । ତୋ ବାପା ରାଜି ନ ହେଲେ ତାଙ୍କ ସାଙ୍ଗ ମାନଙ୍କ ଗାଡିଥିବ ବୁଝିଦେ । ଅତନୁ ଜାଣିଥିଲା, ବାପା ବୁଝିବେ ନାହିଁ । ବୋଉ କିଛି କାମକୁ ନାହିଁ । ସେ ନିଃସହାୟ । ସିପ୍ରାକୁ ସେ ଚେହେରା ଦେଖାଇ ପାରିବା ନାହିଁ । ସାଙ୍ଗମାନେ କଣ କହିବେ । କିଏ କହିବ, ତା'ଘରେ ତା'ର କିଛି ଅଧିକାର ନାହିଁ । କିଏ କଣ କହୁପଛେ ସିପ୍ରା ଏକା ଏକା ପିକ୍‌ନିକ୍ ଯିବ । କାରଣ ବସ୍ ଯୋଗାଡ ନ କଲେ ସେ ପିକ୍‌ନିକ୍ ଯିବନି । ଆଉ ବୋଧହୁଏ ଆସନ୍ତା ବର୍ଷର ନୂଆଦିନ ଦେଖିବ ନାହିଁ ।

ରାତି ହେଲାଣି । ଦି ଦିନ ହେବ ସେ ଘରୁ ବାହାରି ନି । ବୋଉକୁ କହିଛି, କେହି ସାଙ୍ଗ ଆସିଲେ କହିବ ଯେ ସେ ଘରେ ନାହିଁ । ରାତି ଖାଇବା ପାଇଁ ଟେବୁଲ୍ ଉପରେ ବସୁ ବସୁ ତା' ଭିତରର ଅନ୍ତରାତ୍ମା ଚିତ୍କାର କରିଉଠିଲା, ସେ ଅନିଚ୍ଛା ସତ୍ତ୍ୱେ କହିଉଠିଲା, 'ବାପା, ମୋ ସାଙ୍ଗମାନେ ପିକ୍‌ନିକ୍ ଯିବେ । ତେଣୁ ଆମ ଗାଡିଟା ଦରକାର ।' ନିଶାସକ୍ତ ଆଖିରେ ବାପା ତା'ର ମୁଣ୍ଡ ଉଠେଇ ଅତନୁକୁ ଚାହିଁଲେ । ଅତନୁ ଆଖିରେ ନିଆଁ ଜଳୁଥିଲା । ବାପା କିଛି କହିବାପୂର୍ବରୁ ମୁଣ୍ଡଟା ଟେବୁଲ୍ ଉପରେ ଥୋଇ ଶୋଇଗଲେ । ଅତନୁର ସବୁ ପ୍ରଚେଷ୍ଟା ବିଫଳ ହେଲା । ଖାଇବା ଛାଡି ସେ ନିଜ ରୁମ୍‌କୁ ଚାଲିଗଲା ।

ରାତି ସାରା ସେ ଶୋଇନି । ସକାଳୁ ସକାଳୁ ବାପା ଗାଡିରେ ବାହାରି ଯିବାକୁ ତୟାର ହେଉଥିବା ସମୟରେ ସେ ବୈଠକରେ ଅପେକ୍ଷା କରିରହିଲା । ଏତେ ସକାଳୁ ଅତନୁକୁ ବୈଠକରେ ଦେଖି ଅପେକ୍ଷାକୃତ ପ୍ରାକୃତିକ ଅବସ୍ଥାରେ ଥିବା ତା'ବାପା କାରଣ ପଚାରିଲେ । ସେ ଅବାଧ୍ୟ ଶିଶୁଟିଏ ପରି କହିଲା, ତା ସାଙ୍ଗମାନେ ପିକ୍‌ନିକ୍ ଯିବାକୁ ଚାହାନ୍ତି । ବାପା ତା'ର ଚେୟାର ଉପରେ ବସିପଡିଲେ । କହିଲେ, 'ମୋତେ ଦି ଦିନ ଆଗରୁ କହିଲୁନି କାହିଁକି? କାଲି ଗୋଟିଏ କଲେଜ୍‌କୁ



2nd Year, 12th Issue
January, 2008
ଦ୍ୱିତୀୟ ବର୍ଷ, ଦ୍ୱାଦଶ ସଂଖ୍ୟା
ଜାନୁଆରି, ୨୦୦୮
ଆହ୍ୱାନ
ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

କଥା ଦେଇଦେଲି ପିକ୍ନିକ୍ ନେବି ବୋଲି।' ଅତନୁର ପାଟି ଶୁଖିଗଲା। ସେ ଉଠି ନିଜ ରୁମ୍ ଆଡକୁ ଚାଲିଯାଉ ଥିବା ବେଳେ ବାପା ପଛରୁ ଡାକିଥିଲେ। ସେ ଅଟକିଯାଇ ପଛକୁ ବୁଲି ଚାହିଁଲା, ତା ବାପା ହସୁଥିଲେ। କହିଲେ, 'ଯା' ତୋ ସାଙ୍ଗ ମାନଙ୍କୁ କହିଦେ ତୁ ଗାଡି ନେଇ ଆସିବୁ। ମାତ୍ର କହିଦେବୁ ପେଟ୍ରୋଲ୍ ଖର୍ଚ୍ଚ ଦେବାକୁ ହେବ।' ଅତନୁ ହସି ପକାଇଲା।

ସେ ଫୋନ୍ କରୁଥିଲା ସିପ୍ରାକୁ, କହୁଥିଲା 'ତୁମେ ଅନନ୍ତା ଚା'ଦୋକାନ ପାଖକୁ ଆସିବ ନି। ମୁଁ ଗାଡିନେଇ ତୁମ ଦୁଆରକୁ ଯିବି, ସେଇଠୁ ପିକ୍ନିକ୍ ପାଇଁ ଯିବ, ଆଉ ଆସିଲା ବେଳେ ତୁମ ଘର ପାଖରେ ଛାଡିଦେଇ ଆସିବି।'

## ଆମ ଗାଁ ହାଲଚାଲ

ଗାଁ ମୁଣ୍ଡ ହାଡୁ ପାନ ଦୋକାନ ପାଖରେ ପୋଲିସ ଗାଡିକୁ ଦେଖି ଚାରେଣୀ ଡରିଗଲା, ଗାଡି ଭିତରେ ବସି ପୁଲିସ ବାବୁ କହିଲେ, 'ଏ ଟୋକା, ଇଆଡେ ଆ।' ଅଗତ୍ୟା ବାଧ୍ୟ ଶିଶୁଟିଏ ପରି ଚାରେଣୀ ଗାଡି ପାଖକୁ ଗଲା। ହାପୁ ପେଣ୍ଟ୍ ତଳେ ଗୋଡ ଦିଟା ବରଡା ପତର ପରି ଥର ଥର କଂପୁଛି। ମୁଣ୍ଡ ତଳକୁ କରି ନଖ ଚୋବାଇ କହିଲା, 'ଆଜ୍ଞା, ଡାକିଲେ କି?' ପୋଲିସ ବାବୁ କିଛି କହିବା ପୂର୍ବରୁ ପଛରେ ବସିଥିବା କନେଷ୍ଟବଳ କହିଲା, 'ତୋତେ ନାହିଁ ତ କ'ଣ ତୋ ବୋପାକୁ ଡାକିବେ। ଆବେ ଏଇଠି ଆଉ କିଏ ଅଛି?' ଚାରେଣୀ ସେମିତି ମୁଣ୍ଡ ତଳକୁ କରି ଠିଆ ହେଲା। ବାବୁ କନେଷ୍ଟବଳକୁ ଦେଖି କହିଲେ, 'ଇୟେ ସେହି ଗାଁ ନା?' କନେଷ୍ଟବଳ ଉଚ୍ଚପାଟିରେ କହିଲା, 'ହଁ ଆଜ୍ଞା, ଏଇଟା ଏକା। ସବୁ ଗୁଡାକ ଚୋର। ଭାରୀ ଭଦ୍ର ପୋଷାକ ପିନ୍ଧି ଛପିଚନ୍ତି। ଏବେ ଆପଣ ଆଇଲେ, ସବିତିକି (ସମସ୍ତଙ୍କୁ) ସାବାଡ୍ କରିଦେବେ। ଆଜ୍ଞା ଦିନରାତି ଏ ଗାଁରେ ପାଲି ପଡୁଛି। ଲକ୍ଷ ଲକ୍ଷ ଟଙ୍କା ଖେଳୁଛନ୍ତି ଆଜ୍ଞା। ଦଶହରାରେ ତ ଆଜ୍ଞା ହିସାବ ନାହିଁ।'

ପୋଲିସ ବାବୁ ନିଜ ନିଶ ମୋଡି ମୋଡି କହିଲେ, 'ଏମିତି କେତେ ଗାଁକୁ ମୁଁ ସାବାଡ କରିଛି। ଏଇଟା କି ସାମାନ୍ୟ ଗାଁ।' ନିଜ ଗାଲରେ ହାତ ଦେଇ ଠିଆ ହୋଇଥିଲା ଚାରେଣୀ। ଦୁରରୁ ଆସୁଥିବା ସନିଆ, ଚାରେଣୀକୁ ପୋଲିସ ଗାଡି ପାଖରେ କାନ ଧରି ଠିଆ ହେବା ଠାଣି ଦେଖି ଗାଁ ଭିତରକୁ ଦଉଡିଲା। ଧଇଁସଇଁ ହେଇ ଗାଁ ମଣ୍ଡପ ପାଖରେ ପହଞ୍ଚି କହିଲା। ଚାରେଣୀକୁ ପୋଲିସ ଧରିଛି। ଏବେ ଗାଁ ଭିତରକୁ ଆସି ସବୁ ଟୋକାଙ୍କୁ ଧରି ନେବ। ସନିଆ କଥା ଶୁଣି, ମଣ୍ଡପ ଉପରେ ତାସ ଧରି ପାଲି ପକାଇଥିବା ସବୁ ଲୋକ ଉଦ୍ର ପାଲଟି ଗଲେ। ସାଙ୍ଗେ ସାଙ୍ଗେ ସବୁ ପାଲି ବନ୍ଦ କରି ଗାଁ ବସଷ୍ଟାଣ୍ଡକୁ ଚାଲିଲେ। ଚାରେଣୀ ପୂର୍ବବତ ନିରବ ଭାବେ ଠିଆ ହୋଇଥିଲା। ବାବୁ କହିଲେ, 'ଯା ଗାଁରେ କହିଦେବୁ। ବାବୁ ଆସିଥିଲେ। ଯେଉଁମାନେ ସବୁ ମାଙ୍ଗପତା (ତାସ ଖେଳ) ଖେଳୁଛ, ଶୀଘ୍ର ଆସି ମୋତେ ଦେଖା କରିବେ। ନଇଲେ ପୁରା ଗାଁକୁ ଥାନାରେ ପୁରେଇ ଦେବି।' ବାବୁ ଗାଡି ଆଗକୁ ନେବାକୁ କହିଲେ, ହେଲେ ସରକାରୀ ଜିପ୍ଟା ଠିକ୍ ସମୟରେ ଧୋକ୍କା ଦେଇଦେଲା। ବାବୁ କହିଲେ, 'ଯାଅ ସମସ୍ତେ ମିଶି ଗାଡିକୁ ଧକ୍କା ଦିଅ।' ଚାରେଣୀ ସମେତ ଗାଁର ଯେତେ ସବୁ ଲୋକ ଠିଆ ହୋଇଥିଲେ ସୁନାପିଲା ପରି ଗାଡିକୁ ଧକ୍କା ଦେଲେ। କିଛି ବାଟ ଗଲାପରେ ଗାଡି ଆପେ ଆପେ ଚାଲିଲା। ଗାଡିର ପଛ ସିଟ୍ରେ ବସିଥିବା କନେଷ୍ଟବଳ ପଛକୁ ଚାହିଁ ହସୁଥିଲା।

ପୋଲିସ ଗାଡି ଚାଲିଗଲା ପରେ ଚାରେଣୀ ଛାତି ଫୁଲେଇ କହିଲା, 'ବୁଝିଲ ତମେମାନେ ସବୁ। ବାବୁ କଇଚେନ୍ତି (କହିଛନ୍ତି), ଯିଏ ଯିଏ ତାସ ଖେଳିବ ସବୁ ଯାଇ ବାବୁଙ୍କ ପାଖରେ ହାଜିରା ଦେବ, ନଇଲେ ପୁରା ଗାଁ କୁ ଥାନାରେ ପୁରେଇ ଦେବେ।' ସନିଆ କହିଲା, 'ହଇରେ ତୁ କାହିଁକି କାନ ଧରି ବସାଉଠା ହେଉଥିଲୁ?' ଚାରେଣୀ କହିଲା, 'ତୋ ଆଖିରେ କୁଟା ପଡିଥିଲା, କିରେ, ଶଃ ମୁଁ ତ ଏଇଠି ଠିଆ ହେଇ ବାବୁଙ୍କ ସାଙ୍ଗେ ଗପୁଥିଲି। ବାବୁ ଟି ଥାନାବାଲେ, ଶଃ ତୁ କୁଆଡୁ



2nd Year, 12th Issue
January, 2008
ଦ୍ୱିତୀୟ ବର୍ଷ, ଦ୍ୱାଦଶ ସଂଖ୍ୟା
ଜାନୁଆରି, ୨୦୦୮
ଆହ୍ୱାନ
ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଜାଣିବୁ, ବାବୁଙ୍କ ଥାଟ୍, ଆମେ ସବୁ ପାଖନୋକ ବୋଲି ଆମ ସାଥିରେ ଯାହା କଥା ହେଲେ ନା।' ଚାରେଣୀ ବାହାସ୍ଫୋଟ ମାରିବା ପରେ ସନିଆ କହିଲା, 'ଯା ବା ଆଉ କା'କୁ କହିବୁ। ଶଃ ମୁଁ ଦେଖିଲା ବେଳକୁ କାନ ଧରି ମୁଣ୍ଡ ନୁଆଁଇ ଠିଆ ହୋଇଥିଲା।' ଗାଁ ସାରା ଲୋକ ହସିଲେ। ଚାରେଣୀ ଆଉ କିଛି ବାଟ ପାଇଲା ନାହିଁ। ଲଜ୍ଜା ହେଇ ବନ୍ଧ ଆଡକୁ ପଳେଇଲା।

ସଞ୍ଜ ବେଳକୁ ଗାଁ ମୁଣ୍ଡରେ ବସି କଥା ହେଉହେଉ ସନିଆ କହିଲା, 'ବୁଝିଲୁ ଭାଇ ଆଜି ଚାରେଣୀର ଯାହା ଅବସ୍ଥା ଦେଖିଥାନ୍ତୁ ନା, ହସି ହସି ପେଟ ଫାଟି ଯାଇଥାଆନ୍ତା।' ତୁଣ୍ଡରୁ ଦି ତୁଣ୍ଡ ହେଲା କଥା, ଯା ହେଉ ଦଶହରା ଶେଷ ପର୍ଯ୍ୟନ୍ତ ପୁରା ଗାଁକୁ ହସାଇବାକୁ ଚାରେଣୀର ସେ ଦିନର ଅବସ୍ଥା ଯଥେଷ୍ଟ ଥିଲା। କୁମାର ପୁର୍ଣ୍ଣିମା ସଞ୍ଜ ବେଳକୁ ଗାଁ ଦାଣ୍ଡରେ ତାସର ପାଲି ପକାଇ, ଯାତ୍ରା ଚାଲିଲା। ହେଲେ ଚାରେଣୀ ଆଉ ସହି ପାରିଲା ନାହିଁ। ଚାଲିଲା ସିଧା ଥାନାକୁ। ବାଟ ତିନି ମାଇଲ୍। ସାଇକେଲ ଧରି ଥାନାକୁ ମାଡିଲା। କହିଲା 'ଆଜି ସବୁ ଦେଖିବେ ମୁଁ କେତେ ପାରିବାର। ଯାଇ ଥାନାରେ ନାଟ ନଗେଇ ଦେବି, ଯେ ବୋପାର ନାଁ ଭୁଲିଯିବେ। ମତେ ଥଟା କରିଚେନ୍ତି ପରା।'

ବାଟରେ ଯାଉଯାଉ ଭାବିଲା ନଦୀ ହୁଡାରେ ପଳେଇଲେ ପାଖ ହେବ। ତେଣୁ ନଦୀ ହୁଡାରେ ସାଇକେଲ୍ ମାରି ଯାଉ ଯାଉ। ଅଧାବାଟରେ ଦେଖିଲା ପାଲି ପଡିଛି। ମନେ ମନେ ଭାବିଲା, ଆଜି ସବୁ ପାଲି କଥା ଥାନାରେ କହିବି ଯେ ଦେଖିବେ। ଏମିତି ଭାବି ଆଗକୁ ଯିବାବେଳକୁ ପାଲି ପାଖରେ କିଛି ଲୋକ ତାକୁ ଅଟକାଇଲେ। ଭାରି ଦମ୍ଭରେ କହିଲା, ପଞ୍ଚାୟତ ଅଫିସ ଆଡେ ଯାଉଛି। ରତ୍ନାପଲ୍ଲୀର ଲୋକମାନେ ମଦ ପିଇଥିଲେ, ତା' ପକେଟ୍ ସଫାକରି ଦେଲେ ତ ଦେଲେ, ତା ସାଇକେଲ ଧରି ଚଂପଟ୍ ହେଇଗଲେ। ଏଣେ ଗାଁକୁ ଫେରିବାକୁ ବାଟ ଧରୁଥିବା ସମୟରେ ପୋଲିସ ଗାଡି ହାବୁଡରେ ପଡିଗଲା। ସେ ଯେତେ କହିଲା, ସେ ଥାନାକୁ ଯାଉଥିଲା ପାଲି ପଡିଥିବା ଖବର ଦେବାପାଇଁ, ବଡବାବୁ କହିଲେ, 'ବୁଝିଲୁ ଧନିଆ, ତୋ କଥା ଆମେ ସବୁ ବୁଝିଛୁ, ସିଧା ସିଧା ଥାନାକୁ ଚାଲ, ଶଃ ପାଲିରେ ବସି ଖେଳୁଛୁ ଧରା ପଡିଲେ କହୁଛୁ ନା କ'ଣ ଖବରୀ। ଉତ୍ତମ ମଧ୍ୟମ ଟିକେ ଦେଇ ଗାଡିରେ ପକାଇ ଥାନାକୁ ନେଇଗଲେ। ସେ କିଛି କହିବାକୁ ଯାଉଥିଲା, ସାନ କଣ୍ଟେଇପଲ୍ଲୀର କନେଷ୍ଟବଳ ବୁଡା ଆସି କହିଲା, 'ବାବୁରେ ପାଟି ଖୋଲିବୁନି, ନୋଇଲେ ଆଜ୍ଞା ପିଠିରେ ପୋଖରୀ ଖୋଳିଦେବେ। ଯାହା କହିଲେ ଚୁପ୍ ରହିବୁ।' ଅଗତ୍ୟା ରାତି ସାରା ସେଇ ଥାନାରେ ବସି ରହିଲା ଚାରେଣୀ।

ସକାଳୁ ସକାଳୁ ଗାଁରେ ଖବର ହେଇଗଲା, 'ଚାରେଣୀ ଥାନାରେ ଅଛି।' ଚାରେଣୀ ବୋପା କାନ୍ଦି କାନ୍ଦି କାର୍ଜି ଦୁଆରେ ହାଜିର ହେଲା। କାର୍ଜି କହିଲେ, 'ତୋ ପୁଅକୁ ଆଗରୁ ଦିନେ ବି ପୋଲିସ ଆସି ଧରିଥିଲା, ବୋଲି ଗାଁ ସାରା କଥା ହେଉଥିଲେ। ଯଦି ସେ ଅପରାଧ କରିଥାଏ, ତେବେ ତାକୁ କିଏ ରଖିବ। ଆଉ ଏବେ ଯିଏ ନୁଆଁ ବାବୁ ଆସିଛନ୍ତି ଭାରୀ ରାଗିଲୋକ। ରାଗିଲେ, ହାଜତ ଭିତରେ ତା'କୁ ହଇରାଣ କରିବେ।' ସେଇଠୁ କରଣେ କହିଲେ, 'ଭାଇନା, ତୁମେ ତୁଛାଟାରେ ଛାନିଆ ହେଉଚ।' କରଣେ ନିଜେ ଗଲେ ଆଉ ଦୋପହର ବେଳକୁ ଚାରେଣୀକୁ ଧରି ଫେରିଲେ। ସେ ଯା'ହେଉ ଆଉ ମାସେ ପର୍ଯ୍ୟନ୍ତ ଚାରେଣୀ ଖଟିକୁ ଗଲାନି। ଯୋଉଠିକୁ ଗଲେ ବି ଲୋକେ କହିଲେ, ଥାନାବାଲା ରାତିରେ କମ୍ବଳ ଘୋଡେଇ ପିଟିଛନ୍ତି। ସେ କେତେ ବୁଝେଇଲେ ବି ଶୁଣିଲେନି। ତେଣୁ ଦିନେ ରାଗିକରି ସେ ଗାଁ ଛାଡିଦେଲା। ବରଂପୁର (ବ୍ରହ୍ମପୁର) ଷ୍ଟେସନ୍‌ରୁ ସୁରାଟ ଯିବା ଟ୍ରେନ୍‌ରେ ବସିଲା। ଦି ଦିନରେ ସୁରାଟରେ ପହଞ୍ଚିଲା।

ଏଣେ ଗାଁରେ ହଲ୍ଲା ହେଇଗଲା। ଚାରେଣୀ କୁଆଡେ ପଳାଇଲା। ଚାରେଣୀ ବୋପା ଗାଁ ବାଲାଙ୍କୁ ପାଗଳଙ୍କ ଭଳିଆ ଗାଳି ଗୁଲଜ କରିବା ଆରମ୍ଭ କରିଦେଲା। ଦିନ ଗଲା ହପ୍ତା ବି ଗଲା। ଚାରେଣୀ ଖବର ନାଇଁ। କରଣେ ଥାନାରେ ରିପୋର୍ଟ୍ ଲେଖେଇ ଦେଇଥିଲେ, ଯେ ଚାରେଣୀ ବୋପା ଥାନାକୁ ଧାଇଁ

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି



2nd Year, 12th Issue
January, 2008
ଦ୍ୱିତୀୟ ବର୍ଷ, ଦ୍ୱାଦଶ ସଂଖ୍ୟା
ଜାନୁଆରି, ୨୦୦୮

# ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଧାଇଁ ଥାନାବାବୁଙ୍କୁ ପାଗଳ କରିଦେଲା କି କ'ଣ, ସେ ବଦଳି ହେଇ ପଳେଇଲେ। ଲୋକେ କହୁଥିଲେ, ଥାନାବାବୁଙ୍କ ଅତ୍ୟାଚାର ସହି ନପାରି ଚାରେଣୀ ଆତ୍ମହତ୍ୟା କରିଛି। ଚାରେଣୀ ବୋଉ ବାୟାଣୀ ହେଇଗଲା। ଚାରିଆଡେ ଖବର ଦେଲେ ହେଲେ କିଛି ଫଳ ମିଳିଲା ନାହିଁ। ସେଇଠୁ ଦିନେ ମଠର ମହନ୍ତ ଚାରେଣୀ ବୋପାକୁ ଡକା କରି କହିଲେ, 'ଆଉ କେତେ ଦିନ ଜଗିବୁ। ଦେଖେ ତୋ ପୁଅ ଯିବାର ମାସେ ପାଖାପାଖି ହେଲାଣି। ଯଦି ବଞ୍ଚିଥାନ୍ତା ନିଶ୍ଚେ ଖବର ଦେଇଥାନ୍ତା। ଯା' ତା ଆତ୍ମା ପାଇଁ ଶ୍ରାଦ୍ଧ କରେ ନଇଲେ ଗାଁ ଉପରକୁ ବିପଦ ଆସିବ। ଚାରେଣୀ ବୋପା ଶ୍ରାଦ୍ଧ କଲା। ଗାଁ ଦାଣ୍ଡରେ ବାରଦିନ ଭୋଜି କଲା। ହଜାରେ ଲୋକ ଖାଇଲେ। ପାଳୁଅ ଉଖୁଡା ସାଥିରେ ବଲ୍ଲଭ ଖଜା ଆଉ ଖିରି ଖୁଆଇଲା, ତା ବାପା।

ମାସେ ଉତାରୁ ଦିନେ, ହଠାତ୍ ଗାଁ ହୁଲସ୍ଥୁଲ ହୋଇଗଲା। ବୁଡା ମହାରଣା ପୁଅ ସୁରାଟରୁ ଫେରିଲା ପରେ ଚାରେଣୀ ସେଇଠି ଥିବା ଖବର ପାଇ ଚାରେଣୀ ବୋପା ଧାଇଁଲା ମଠକୁ। ମହନ୍ତ କହିଲେ, 'ଇୟେ ତ ଗୋଟେ ନୂଆ କଥା। ବଞ୍ଚିଥିବା ଲୋକକୁ ଆମେ ପିଣ୍ଡ ଦେଇଦେଲେ। କଥାଟା ଭାରି ଖରାପ ନିଶ୍ଚୟ। ମାତ୍ର ସିଏ ଭାରି ଭାଗ୍ୟବାନ, ବେଶି ଦିନ ବଞ୍ଚିବ ଦେଖିବୁ। ଖାଲି ଗୋଟେ ଅନୁଷ୍ଠାନଟେ ଘରେ କରିଦେ। ପାଞ୍ଚଜଣ ବ୍ରାହ୍ମଣଙ୍କୁ ଦାନ ଦକ୍ଷିଣା ଦେଇ ଖୁଆଇ ବସ୍ତ୍ର ଖଣ୍ଡେ ଲେଖେ ଦେ। ଆଉ ଠାକୁରଙ୍କ ନାଁରେ ଦୀପ ଗୋଟେ ବର୍ଷେ ପାଇଁ ଲଗେଇ ଦେ। ଯାହା ଜଡାତେଲ ଲାଗିବ ଦେବୁ। ବାସ ଏଇତକ କରିଦେ। ତା'ପରେ ଯଦି ପୁଅକୁ ଦେଖିବାକୁ ଯିବ ତମେ ମାଇଅଣ୍ଡରା ହଳଟା ଯାଅ।'

ହପ୍ତାଟେ ପରେ ସୁରାଟରୁ ଚାରେଣୀର ବୋପା ମା ହଳଟା ଫେରିଲେ। ନୂଆ ଲୁଗାପଟା କିଣିଦେଇଥିଲା ଚାରେଣୀ। ଏବେ ଭାରୀ ସିଆଣିଆ ହେଇଯାଇଛି ବୋଲି ତା ବାପା ଗାଁ ମଣ୍ଡପ ଉପରେ ବସି କହୁଥିଲା। ଦିନରେ ଷୋଳଘଣ୍ଟା କାମ କରୁଚି, ଦିନକୁ ଦି'ଶ କମଉଚି। ଆସିଲା ବେଳକୁ ବାପା ହାତରେ ଚାରିହଜାର ଟଙ୍କା ଦେଇ କହିଲା, ବୋଓପାଇଁ କାନର ହଳୁଟେ କରିଦେବୁ। ହାଟରୁ ବଡ ବଳଦ ହଳୁଟେ ପାଇଁ ପଇସା ଆସନ୍ତା ସନକୁ ପଠେଇବ ବୋଲି କହିଛି। ଚାରେଣୀ ବୋପା ନିଶରେ ଘିଅ ଲଗେଇ ଗାଁ ମଣ୍ଡପ କଂପେଇ ପୁଅର ଗୁଣ ବଖାଣୁଛି। ତା'କୁ ଦେଖି ସନିଆ ବାପା ତା'କୁ କହୁଥିଲା, 'ଚାରେଣୀ ଭଳିଆ ମୂର୍ଖଟେ ସୁରାଟ ଯାଇ ଚାରିହଜାର ଟଙ୍କା ଦେଲା ତା ବାପାକୁ। ତୁ ଶଳାଟା ଘରେ ପଡିଥା। କେବେ ଆଉ ବୁଝିବୁ। କାଲି ଏକା ଯା। ବୋଉ ପାଖରେ ହଜାରେ ଟଙ୍କା ଅଛି ଧରି ସୁରାଟ ଯା।'




*ଆପଣଙ୍କ ମତାମତ ଆମ ନିକଟକୁ ଅବଶ୍ୟ ପଠାନ୍ତୁ। ଆପଣଙ୍କ ମତାମତ ଆମପାଇଁ ଅତ୍ୟନ୍ତ ଜରୁରୀ। ଏହା ଆମକୁ ଆଗକୁ ବଢିବାକୁ ଦିଗ୍‌ଦର୍ଶନ ଦେଇଥାଏ।*

ଆମ ସହ ଯୋଗାଯୋଗ ଠିକଣା:
**ଡ ଜ୍ୟୋତି ପ୍ରସାଦ ପଟନାୟକ**
**ଏମ୍‌ବିବିଏସ୍, ଡିଏମ୍‌ସିଏଚ୍**
**ସଂପାଦକ 'ଆହ୍ୱାନ'**
**ବୀମାନଗର, ଆମ୍ବପୁଆ ମୁଖ୍ୟ ରାସ୍ତା**
**ବ୍ରହ୍ମପୁର, ୭୬୦୦୧୦, ଓଡିଶା**
e-Mail: aahwaan@gmail.com
Mobile: 9938517505
9861962160
Web-site: http://aahwaan.co.nr

ଡ ଜ୍ୟୋତି ପ୍ରସାଦ ପଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରକାଶିତ